ଓଡ଼ିଆ ସାପ୍ତାହିକ ସମ୍ବାଦଭିତ୍ତିକ ପତ୍ରିକା

# ଆଜି ପର୍ଯ୍ୟନ୍ତ

RNI - ORORI/25/A0332 AAJI PARJYANTA ODIAWEEKLY

Vol. -1 Issue No-1 9-15, June 2025 Bhubaneswar Page - 8, Rs. 5.00

ବର୍ଷ- ୧ ସଂଖ୍ୟା-୧ ୯ରୁ୧୫ ଜୁନ ୨୦୨୫ ଭୁବନେଶ୍ୱର, ପୃଷ୍ଠା- ୮, ମୂଲ୍ୟ- ଟ ୫.୦୦

## ଦୟା ନଦୀରେ ପୋକ ସାଲୁବାଲୁ

### ୧୦୦ମିଲି ପାଣିରେ ୧ଲକ୍ଷ ୬୦ହଜାର ଇ.କୋଲି ମାରାତ୍ମକ ଜୀବାଣୁ

ପିପିଲି,(ଏପିନିୟୁଜ)୨୫/୫:୨୦୧୫ ମସିହା ଜୁନ ମାସରେ ଗଣମାଧ୍ୟମ ପ୍ରଥମେ ସରକାରଙ୍କୁ ସତର୍କ କରାଇଥିଲା ଯେ



ଦୟାନଦୀରେ ପୋକ ସାଲୁବାଲୁ। ତାପର ଠାରୁ ମଧ୍ୟ ସମ୍ବାଦ ଏନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛ। ତେବେ ଚେଇଁ ଶୋଇବ ଯିଏ ତାକୁ ଉଠାଇବ କିଏ ନ୍ୟାୟରେ ସରକାର ନିରବ ରହିଲେ । ଫଳରେ କଣାସ ଅଂଚଳରେ ଗତ ଜାନୁୟାରୀ ମାସରେ ୪ଜଣ ନିରୀହ ଲୋକଙ୍କର ପ୍ରାଣ ଯାଇଛି ଶତାଧିକ ଲୋକ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ। ଖୁବଶିଘ୍ର ଗଙ୍ଗୁଆରେ ଟ୍ରିଟମେଂଟ ପ୍ଲାଂଟ ହେବ ବୋଲି ସରକାର ସେ ସମୟରେ ଘୋଷଣା କରିଥିଲେ। ତେବେ ଅଦ୍ୟାବଧି ତାର ନାଗନ୍ଧ ନାହିଁ। ସୂଚନା ଅନୁସାରେ ଗଙ୍ଗୁଆ ନଦୀ ଯୋଗୁଁ ଦୀର୍ଘ ବର୍ଷ ହେବ ଦୟାନଦୀର ପାଣି ଜହର ପାଲଟିଛି। ଗଙ୍ଗୁଆ ନଦୀ ହିଁ ଦୟା ପ୍ରଦୂଷଣର ମୁଖ୍ୟ କାରଣ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ତଥ୍ୟ ଅନୁସାରେ ଦୟାରେ ମାରାତ୍ମକ ଜୀବାଣୁ ମାଡ଼ି ଯାଇଛନ୍ତି। ଗଙ୍ଗୁଆ ଦୟାନଦୀର ସଙ୍ଗମ ସ୍ଥଳରେ ୧୦୦ମିଲି ପାଣିରେ ପ୍ରାୟ ୧ଲକ୍ଷ ୬୦ହଜାର ଇ.କୋଲି ମାରତ୍ମକ ଜୀବାଣୁ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସୁତ୍ରରୁ ଜଣାଯାଇଛି । ଗବେଷକଙ୍କ ତଥ୍ୟ ଅନୁସାରେ ଗଙ୍ଗୁଆର ପୂର୍ବନାମ ଥିଲା ଗଙ୍ଗାବତୀ । ଏହାର ନିଜସ୍ୱ ଜଳଧାରା ରହିଛି । ଏଥିରେ ୨୧ରୁ ଅଧିକ ପାହାଡ଼ିଆ

ଅବଶିଷ୍ଟାଂଶ....୩ ପୃଷ୍ଠା



କଦାଚ଼ିତ୍ କାଲିଂଦୀ ତଟବିପିନ ସଂଗୀତକରବ
ମୁଦାଭୀରୀ ନାରୀବଦନ କମଲାସ୍ୱାଦମଧୁପଃ ।

ରମା ଶଂଭୁ ବ୍ରହ୍ମାମରପତି ଗଣେଶାର୍ଚ଼ିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

## ୧୨ରେ ନୂଆ ସରକାରର ବର୍ଷ ପୁରିବ

### ରିପୋର୍ଟ କାର୍ଡ ଦେବେ ବିଜେପି ସାଂସଦ ଓ ବିଧାୟକ

ଭୁବନେଶ୍ୱର:(ଏପିନିୟୁଜ) ଜନତାଙ୍କୁ ଏକବର୍ଷର ରିପୋର୍ଟ କାର୍ଡ ଦେବେ ବିଜେପି ସାଂସଦ, ବିଧାୟକ । ଏଥିରେ ଗତ ଏକ ବର୍ଷର ହିସାବ ଓ ଆଗାମୀ ୫ ବର୍ଷ କାମର ଏଜେଣ୍ଡା ରହିବ । ନିଜ କାମର ହିସାବ ଦେଇ ଲିଫଲେଟ୍ ଦେବେ ନିର୍ବାଚ଼ିତ ଲୋକପ୍ରତିନିଧି । ପୁରୀ ସାଂସଦ ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ରିପୋର୍ଟ କାର୍ଡ ଆସି ସାରିଛି । ଦାଣ୍ଡ ମୁକୁନ୍ଦପୁରରେ ଆୟୋଜିତ ସଭାରେ ଉଭୟ ନେତା କେଉଁଠି କ'ଣ କାର୍ଯ୍ୟକ୍ରମ କରିଛନ୍ତି,କେତେ ବିକାଶ ହୋଇଛି ତାର ତଥ୍ୟ ଦେଇଛନ୍ତି । ବିଶେଷକରି ଜଳବନ୍ଦୀ ସମସ୍ୟାର ସମାଧାନ, କୃଷିକ୍ଷେତ୍ରକୁ ଜଳସେଚ଼ନ ଭଳି ବିକାଶମୂଳକ କାର୍ଯ୍ୟ କରିଥିବା ରିପୋର୍ଟ କାର୍ଡରେ ଦର୍ଶାଯାଇଛି । ଆସନ୍ତା ଗୁରବାରଦିନ ବିଜେପି ସରକାର ଏକବର୍ଷ ପାଳନ ଉତ୍ସବ କରିବ । ତେଣୁ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଲାଭଳି ଲୋକଙ୍କୁ କାମର ହିସାବ ଦେବେ ସାଂସଦ ଓ ବିଧାୟକ । ବିଧାନସଭାରେ ଏଥର ବିଜେପିର ୭୮ ବିଧାୟକ ଅଛନ୍ତି । ୩ ସ୍ୱାଧୀନ ବିଧାୟକ ବି ସରକାରଙ୍କୁ ସମର୍ଥନ ଜଣାଉଛନ୍ତି । ଏହାଛଡା ୨୦ ବିଜେପି ସାଂସଦ ଅଛନ୍ତି । ପ୍ରଥମ ଥର ପାଇଁ କ୍ଷମତାକୁ ଆସିବା ପରେ ରିପୋର୍ଟ କାର୍ଡ ମାଧ୍ୟମରେ ଲୋଙ୍କ ସମର୍ଥନକୁ ଅତୁଟ ରଖିବାକୁ ଉଦ୍ୟମ କରୁଛି ବିଜେପି । ମୁଖ୍ୟମନ୍ତ୍ରୀ କରୁଛନ୍ତି ମନ୍ତ୍ରୀଙ୍କ ଏକ ବର୍ଷ ରିପୋର୍ଟ କାର୍ଡର ତର୍ଜମା । ମୁଖ୍ୟମନ୍ତ୍ରୀଙ୍କ ମାର୍କ ଆଧାରରେ ହେବ ମନ୍ତ୍ରିମଣ୍ଡଳର ଅଦଳବଦଳ । ଆଉ ଜୁନ ୧୨ରେ ପରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହେବ ବୋଲି ଚ଼ର୍ଚ୍ଚା ଜୋର ଧରିଛି । ଜୁନ ୧୨ରେ ବର୍ଷ ପୂର୍ତି ପାଳନ୍ ପ । ଇ ସରକାରଠୁ ବିଜେପି ସଙ୍ଗଠନ ଯାଏ ଆରମ୍ଭ ହୋଇଗଲାଣି କସରତ । ଆଉ ସପ୍ତାହକ ପରେ ଲୋକଙ୍କ କାମର ହିସାବ ଦେବାକୁ ପ୍ରସ୍ତୁତି ଚ଼ଳାଇଛନ୍ତି ମୋହନ ସରକାର । ବିଭାଗୱାରୀ ମାରାଥନ୍ ସମୀକ୍ଷା ପରେ ଏବେ ମନ୍ତ୍ରୀଙ୍କ ପ୍ରଦର୍ଶନ ଉପରେ ନଜର ପକାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମିଳିଥିବା ସୂଚ଼ନା ଅନୁସାରେମନ୍ତ୍ରୀଙ୍କ ରିପୋର୍ଟକୁ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ କିଛି ମନ୍ତ୍ରୀ ରିପୋର୍ଟ ଦେଇସାରିଛନ୍ତି, ଆଉ କିଛି ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ରିପୋର୍ଟରେ ବର୍ଷକର ଉପଲବ୍ଧିର ସମୀକ୍ଷା ହେଉଛି ବିଭାଗର ଆଗାମୀ ଏଜେଣ୍ଡା ସମ୍ପର୍କରେ ରିପୋର୍ଟରେ ବିସ୍ତୃତ ତଥ୍ୟ ରହିଛି ଜୁନ ୧୨ ପରେ ପାୱାର୍ କରିଡରରେ ଦେଖିବାକୁ ମିଳିପାରେ ବଡ଼ ହଲଚ଼ଲ । କାରଣ ଅଧାଗଢ଼ା ମନ୍ତ୍ରିମଣ୍ଡଳକୁ ପୂର୍ଣ୍ଣ ରୂପ ଦେଇପାରନ୍ତି ମୁଖ୍ୟମନ୍ତ୍ରୀ । ଭଲ ପ୍ରଦର୍ଶନ କରିନଥିବା କିଛି ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇପାରେ । ଆଉ କିଛି ବରିଷ୍ଠ ଓ ଯୁବ ଚେହେରା ମନ୍ତ୍ରିମଣ୍ଡଳରେ ସାମିଲ ହୋଇପାରନ୍ତି । ଚ଼ର୍ଚ୍ଚା ହେଉଛି, ବିବାଦରେ ଫସିଥିବା କିଛି ମନ୍ତ୍ରୀଙ୍କ ସ୍ଥାନରେ ନୂଆଙ୍କୁ ସୁଯୋଗ ମିଳିପାରେ । ସୂଚ଼ନାଯୋଗ୍ୟ ଯେ,ବିଜେପି ସରକାରର ଏକ ବର୍ଷ ପାଳନ ପରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ମନ୍ତ୍ରୀଙ୍କ ମଧ୍ୟରେ ଛନକା ପଶିଛି । ଆଶା ବାନ୍ଧିଥିବା ନେତା ବି ଆଶାରେ ରହିଛନ୍ତି ।




## ଖାଉଟି ସାମଗ୍ରୀ ଲୁଟ ଅଭିଯୋଗରେ ଡ଼ିଲର ନାମରେ ଏତଲା

ନିମାପଡ଼ା (ଏପିନ୍ୟୁଜ) ନିମାପଡ଼ା ବ୍ଲକ ଅଧିନସ୍ଥ ବାମନାଳ ଗ୍ରାମ ପଚାଂୟତ ନିମନ୍ତେ ନିଯୁକ୍ତି ପାଇଥିବା ଡ଼ିଲର ଦେବାଶିଷ ମହାନ୍ତି ହିତାଧିକାରୀମାନଙ୍କର ୨ମାସର ମାଗଣା ଚାଉଳକୁ ହେରଫେର କରିଥିବା ନେଇ ଅଭିଯୋଗ ହେବାପରେ ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ ଯୋଗାଣ ନିରିକ୍ଷକ ସୁବ୍ରତ ଚୌଧୁରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଡ଼ିଲର ୧୪୦ କ୍ୱିଟାଂଲ ଚାଉଳ ହେରଫେର ହୋଇଛି ରିପୋର୍ଟ ବିଡ଼ିଓଙ୍କ ଦେବା ପରେ ବିଡ଼ିଓ ଶ୍ରୀ ଷଡ଼ଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ସୁଚନାଯୋଗ୍ୟ ବାମନାଳ ଡ଼ିଲରଭ୍କୁ ୭ଶହ ପରିବାର ଚାଉଳ ବଟଂନ ଦାୟିତ୍ୱ ଯୋଗାଣ ବିଭାଗ ଦେଇଛି। ଥାନାରେ ବିଡ଼ିଓ ଅଭିଯୋଗ କରିବାପରେ ସଂପୃକ୍ତ ଡ଼ିଲର ୨ଶହ ହିତାଧିକାରୀ ଏହା ମଧ୍ୟରେ ଚାଉଳ ବଟଂନ କରିଥିବା ସୁଚନା ମିଳିଛି।



# ଖେଲାର ଫାଣ୍ଡି ପ୍ରତିଷ୍ଠା ତାରିଖ ଗଡି ଗଡି ଯାଉଛି

ନିମାପଡ଼ା, (ଏପିନ୍ୟୁଜ) ଖେଲାରଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ତାରିଖ ଗଡି ଗଡି ଯାଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଫାଣ୍ଡି ପ୍ରତିଷ୍ଠା ହେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିମାପଡ଼ା ତହସିଲଦାର ସରକାରୀ ଜମି ଦେବାରେ ବିଳମ୍ବ ଘଟୁଥିବାରୁ ଫାଣ୍ଡି ପ୍ରତିଷ୍ଠା କରିବା ବିଳମ୍ବ ହେଉଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ହରିଶପୁର ହାଟର ଖେଲାର ବଜାରରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ସ୍ଥାନୀୟ ୬ଟି ପଂଚାୟତ ବାସିନ୍ଦାମାନେ ଦାବୀ କରିଛନ୍ତି। ଏହି ପଂଚାୟତ ଗୁଡ଼ିକ ମଧ୍ୟରୁ ୩ଟି ପଂଚାୟତ ନିମାପଡ଼ା ଥାନା ଅଧୀନରେ ଏବଂ ୩ଟି ବଳଙ୍ଗା ଥାନା ଅଧୀନରେ ରହିଛି। ନିମାପଡ଼ା - ପିପିଲି ମୁଖ୍ୟ ରାସ୍ତା ଉପରେ ଖେଲାର ବଜାର ଅବସ୍ଥିତ। ଏହି ବଜାର ଉପରେ ନିମାପଡ଼ା ବ୍ଲକର ଅଲଣ୍ଡା, ଧନୁଆଁ, ରେଂଚଶାସନ, ଗଡ଼ପଦନପୁର, ହରିପୁର, ଶାଇଁଶ ପଂଚାୟତ ବାସୀ ନିର୍ଭରଶୀଳ ଅଟନ୍ତି। ଏହି ବଜାର ନିକଟରେ ଏକ ହାଟ, ହାଇସ୍କୁଲ, ଇଂରାଜି ମାଧ୍ୟମିକ ସ୍କୁଲ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର , ଉଚ୍ଚମାଧ୍ୟମିକ ସ୍କୁଲ, ଡ଼ିଗ୍ରୀ କଲେଜ, ୩ଟି ବ୍ୟବସାୟିକ ବ୍ୟାଙ୍କ, ସ୍ୱାସ୍ଥ୍ୟ କେନ୍ଦ୍ର, ଆରଆଇ ଅଫିସ ଇତ୍ୟାଦି ରହିଛି। ସରକାରୀ ନିଲାମ ପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରକୁ ନେଲେ ନିମାପଡ଼ା ଥାନାଠାରୁ ୧୨ କିମି




ଦୂରରେ ଖେଲାର ବଜାର ଅବସ୍ଥିତ ସେହି ଭଳି ବଳଙ୍ଗା ଥାନା ଅଧୀନରେ ଥିବା ୩ଟି ପଚଂାୟତ ଭୌଗଳିକ ଦୃଷ୍ଟିକୋଣରୁ ଉକ୍ତ ପଚାଂୟତ ଗୁଡ଼ିକ ଗମନାଗମନ ପାଇଁ ଓଲଟା ହୋଇ ଯିବାକୁ ପଡୁଛି। ଏହି ଅଚଂଳରେ ଆଇନଶୃଙ୍ଖଳା ପରସ୍ଥିତି ଉପୁଜିଲେ ନିମାପଡ଼ା ଓ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଁଚିଂବା ପାଇଁ ସମୟ ସାପେକ୍ଷ ହେଉଛି। ଖେଲାର ବଜାର ନିକଟରେ ଥିବା ୬ଟି ପଂଚାୟତର ଗ୍ରାମାଂଚଳ ଲୋକମାନେ ଦୁଇଥାନାରେ ସେମାନଙ୍କ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେବା ଦୁରୁହ ବ୍ୟାପାର ହୋଇଛି। ଖେଲାର ବଜାର ପର୍ଯ୍ୟଟନ ସ୍ୱର୍ଣ୍ଣ ତ୍ରିଭୁଜର ପିପିଲି-ନିମାପଡ଼ା ରାସ୍ତାରେ ଅବସ୍ଥିତଥିବାରୁ ଶହଶହ ପର୍ଯ୍ୟଟକ ଯାନ ବାହାନରେ ଖେଲାର ବଜାର ବାଟଦେଇ ଯାତାୟତ କରିବା ସାଙ୍ଗକୁ ସ୍କୁଲ କଲେଜ ଏବଂ ବ୍ୟବସାୟୀ ଯାତାୟତ ଲାଗି ରହିଥାଏ ତେଣୁ ପ୍ରତିଦିନ ସକାଳେ ଏବଂ ସଂଧ୍ୟାରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଟ୍ରାଫିକ ସମାସ୍ୟାର ସମାଧାନ କରିବାକୁ ଏହି ବଜାରରେ ପୁଲିସ ନଥାଏ, ସ୍ଥାନୀୟ ଯୁବକମାନେ ବଜାର ଟ୍ରାଫିକ ସମାସ୍ୟାର ସମାଧାନ କରିଥାନ୍ତି। ଏହି ବଜାରରେ ଲୋକସଂଖ୍ୟା ବଢୁଥିବାରୁ ନିଶାକାରବାର କରୁଥିବା ବ୍ୟବସାୟୀମାନେ ବହୁ ପଥଭ୍ରାନ୍ତ ଯୁବକମାନଙ୍କୁ ତାଙ୍କ ଅକ୍ତିଆରକୁ ଆଣି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନଙ୍କୁ ରୋକିବାକୁ ପୁଲିସ ନାହିଁ। ବେଧଡ଼କରେ ଚାଲିଛି ନିଶାକାରବାର। ନିମାପଡ଼ା ଥାନା ଅଧିନରେ ଖେଲାର ବଜାର ରହିଛି। ଖେଲାର ବଜାର ନିମାପଡ଼ା ପୁଲିସ ପାଇଁ ଅପହଂଚ ହୋଇପଡ଼ିଛି। ନିମାପଡ଼ା ବ୍ଲକର ଏକ ବ୍ୟବସାୟ ପେଣ୍ଠ ଭାବେ ଖେଲାର ବଜାର ଗଢି ଉଠୁଛି। ଖେଲାର ବଜାରରେ ଆଇନଶୃଙ୍ଖଳା ରକ୍ଷାପାଇଁ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦୀର୍ଘ ୨୫ ବର୍ଷ ହେବ ଦାବୀ ହୋଇ ଆସୁଛି। କିନ୍ତୁ ଏହା ବଜାର ପ୍ରତି ପୂର୍ବ ସରକାର ଅଣଦେଖା କରିଛନ୍ତି। ଖେଲାର ଅଚଂଳର ବରିଷ୍ଠ ନାଗରିକ ମଂଚର ସଭାପତି ରବିନ୍ଦ୍ର କୁମାର ଷଡ଼ଙ୍ଗୀ ଓ ସଂପାଦକ ନରେନ୍ଦ୍ର ପରିଡ଼ା ଏବଂ ସମାଜସେବୀ ବସନ୍ତ ଜେନା ଖେଲାର ବଜାରରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ଖୁବ ଶିଘ୍ର ସରକାରୀ ଭୂମି ଯୋଗାଇ ଦେଇ ଫାଣ୍ଡି ପ୍ରତିଷ୍ଠା ଫାଇଁ ଶ୍ରୀମତୀ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**Pingalakhi College of Special Education(PCSE)**
(Managed By:- Pingalakhi Public Welfare Organisation,
Nimapara, Puri, Odisha-752114)
Approved by RCI, New Delhi, Recognized by Dept. of SSEPD,
Govt. of Odisha & Affiliated to Utkal University, Vanivihar, Bhubaneswar
[illegible]
⇨ **B.Ed. Special Education(HI/VI)**
Applications are invited for admission in to B.Ed. Special Education (HI & VI) courses for the Academic session 2025-26. The prospectus-cum-Application form is available at College office and website from 13.05.2025. Last date for receiving application is 31.07.2025.
Contact us: 06758-296265,9776458524,7849026632 8249103043
Email:-nppwo12345@gmail.com, Website-www.pingalakhi.org.in

## ମାନବ ଅଧିକାର କମିଶନ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ

ରଣପୁର (ଏପିନ୍ୟୁଜ) ଏକ ଜମିଜମା ମାମଲାରେ ଆକ୍ରମଣ ଓ ଏହାକୁ ତତକାଳୀନ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଚପାଇ ଦେବା ଉପରେ ମାନବ ଅଧିକାର କମିଶନ ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ତତ୍କାଳୀନ ଥାନା ଅଧିକାରୀ ଶ୍ରୀ ଦାସ ୪ମାସ ମଧ୍ୟରେ କ୍ଷତିଗ୍ରସ୍ତ ପରିବାରକୁ ୩ ଲକ୍ଷ ଟଙ୍କା ଦେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

## ଚଳିତ ବର୍ଷରୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'

ରାଜ୍ୟରେ ସହରାଂଚଳ ଭିତିଭୂମିର ବିକାଶ ନିମନ୍ତେ ଏକ ସମନ୍ୱିତ ଆଭିମୁଖ୍ୟ ନେଇ ମୋହନ ମାଝୀଙ୍କ ଅଧକ୍ଷତା ବିଶିଷ୍ଟ ରାଜ୍ୟ କ୍ୟାବିନେଟ୍ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ' ନାମକ ନୂଆ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି ।କ୍ୟାବିନେଟ୍ ବୈଠକରେ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ ସହରୀବିକାଶ ଯୋଜନା' ସମେତ ମୋଟ ୫ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା କିନ୍ତୁ ସେଥିରୁ ୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ।

## କୈବଲ୍ୟ କଣ୍ଠ ସ୍ୱର୍ଗତଃ ଅର୍ଜୁନ ଚରଣ ସାମଲ ସଙ୍ଗୀତ ସନ୍ଧ୍ୟା

ଓଡ଼ିଶାର ପ୍ରଥିତଯଶା ସଙ୍ଗୀତଜ୍ଞ ସ୍ୱରସାଧକ ଏକାଧାରରେ ଗାୟକ, ସଙ୍ଗୀତ ନିର୍ଦ୍ଦେଶକ କୈବଲ୍ୟ କଣ୍ଠ ସ୍ୱର୍ଗତଃ ଅର୍ଜୁନ ଚରଣ ସାମଲଙ୍କ ୮୨ ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନ ଠାରେ ଏକ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ ବର୍ଷିୟାନ୍ ସଙ୍ଗୀତ ସାଧକ ଶ୍ରୀ ଦିବାକର ମହାନ୍ତି ଙ୍କୁ କୈବଲ୍ୟ କଣ୍ଠ ଅର୍ଜୁନ ଚରଣ ସାମଲ ସ୍ମୃତି ସମ୍ମାନ ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ସାହିତ୍ୟ ତଥା ସଙ୍ଗୀତ ଜଗତର ଅନେକ୍ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ଉପସ୍ଥିତିରେ କୈବଲ୍ୟ କଣ୍ଠ ଅର୍ଜୁନ ସାମଲ ଓଡିଆ ସଙ୍ଗୀତ ଜଗତକୁ ଭେଟିଦେଇଥିବା ଅନେକ ଚିରସବୁଜ ତଥା କାଳଜୟୀ ସୃଜନୀ ଗୁଡିକୁ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ମାନେ ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ।

# ୧୦ମ ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗ । ଅଭିଯୁକ୍ତ ଗିରଫ

## ଏ ସଂପର୍କରେ ଆଇନଜ୍ଞ ବଟକୃଷ୍ଣ ସାହୁ ଏବଂ ସମାଜସେବୀ ସରିତା ମହାପାତ୍ର ମତଦେଇ କହିଛନ୍ତି ।

 

ସମାଜସେବୀ ସରିତା ମହାପାତ୍ର  ଆଡଭୋକେଟ ବଟକୃଷ୍ଣ ସାହୁ

ନିମାପଡ଼ା(ଏ.ପି ନ୍ୟୁଜ) ନିମାପଡ଼ା ଥାନା ଅଧିନସ୍ଥ ଅରିଷଣ୍ଡ ପଚାୟଂତର ଏକ ଗ୍ରାମରେ ଜଣେ ୧୦ମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀକୁ ଘରେ ପରିବାର କେହି ନଥିବାବେଳେ ଦୁଷ୍କର୍ମ ର ଶିକାର ହୋଇଥିବା ପୁଲିସ ରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁକରି ତୁରନ୍ତ ଅଭିଯୁକ୍ତର ଘର ଉପରେ ଚଢଉକରି ଗିରଫ କରିଛି। ଏହି ମାମଲାକୁ ଦଫାରଫା କରିବା ପାଇଁ ମଧ୍ୟସ୍ଥିଙ୍କ ସହୟତାରେ ଦୁଷ୍କର୍ମ ପିଡ଼ିତା ପରିବାରକୁ ବୁଝାସୁଝା କରି ମାମଲାକୁ ଦଫାରଫା କରି ମାମଲାକୁ ଚପାଇଦେବାକୁ ଉଦ୍ୟମ କରାଯାଉଥିବା ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ୧୦ ମଶ୍ରେଣୀ ଛାତ୍ରୀ ଘର ପରିବାର ମନ୍ଦିରକୁ ଯାଇଥିବା ସମୟରେ ପଡ଼ିତା ନାବାଳିକା ଜଣକ ଗରମ ହେଉଥିବାରୁ ଛାତ ଉପରେ ବୁଲାବୁଲି କରୁଥିଲା। ଏହି ସୁଯୋଗରେ ବାମଝାଟି ପାଟଣାର ମଳୟ ରଞ୍ଜନ ସାହୁ ପିଡ଼ିତା ଛାତ୍ରୀର ପାଟିକୁ ବନ୍ଦ କରିଦେଇ ଦୁଷ୍କର୍ମ କରିଥିବା ପିଡ଼ିତା ପୁଲିସରେ ଅଭିଯୋଗ କରଛି। ପାଖରେ ଉପସ୍ଥିତ ଥିବା ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ସବୁ ଦେଖୁଥିଲା। ଦୁଷ୍କର୍ମକାରୀ ଯୁବକ ସେହି ଘଟଣାର ପ୍ରତ୍ୟକ୍ଷ ଦର୍ଶୀଥିବା ଛାତ୍ରୀକୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗପତ୍ର ଦର୍ଶାଯାଇଛି। ଅଭିଦୁକ୍ତ ଦୁଷ୍କର୍ମ କାରୀକୁ ପୁଲିସ ବାମଝାଟି ପାଟଣା ଉପରେ ଚଢଉକରି ଅଭିଯୁକ୍ତ ମଳୟରଞ୍ଜନ ସାହୁକୁ ଗିରଫ କରିଛି। ଦୁଷ୍କର୍ମ କାରୀମାନଙ୍କ ପାଇଁ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛ। ଏହି ଘଟଣାରେ ପିଡ଼ିତା ନାବାଳିକାକୁ ଦୁଷ୍କର୍ମ କରାଯାଇଛି। ପୋସୋ ଆଇନରେ ପୁଲିସ ମାମଲା ରୁଜୁ ହୋଇଛି। କଠୋର ଦଣ୍ଡ ବ୍ୟବସ୍ଥା ରହିଥିଲେ ମଧ୍ୟ ଯୁବକମାନେ ଏଭଳି ଜଘନ୍ୟ କାମ କରିବାକୁ କାହିଁକ ଆଗେଇ ଆସୁଛନ୍ତି। ଆଇନର ସଚେତନତାଅଭାବ କାରଣରୁ ନା ସମାଜରେ କନ୍ୟା ସନ୍ତାନମାନଙ୍କ ପରିବାର ପକ୍ଷରୁସେମାନଙ୍କୁ ଆଚ଼ାର ବ୍ୟବହାର ଶିକ୍ଷ୍ୟା ଦିଆଯାଉନାହିଁ । ଆଧୁନିକତା ଯେତେ ପ୍ରବେଶ କରୁଛି ଦୁଷ୍କର୍ମ ଘଟଣା ସେତେଅଧିକ ଘଟୁଛି। ଏ ସଂପର୍କରେ ସରିତା ମହାପାତ୍ର ନାମକ ସମାଜସେବୀ ମତଦେଇ କହିଛନ୍ତି ସମାଜରେ ବେଳକୁ ବେଳ ଅଧିକ ଦୁଷ୍କର୍ମ ଘଟଣାମାନ ଘଟୁଛି। କେତେକ ସ୍ଥଳରେ ଆପୋଷ ସମାଧାନ କରାଯାଉଛି। ଅଭିଭାବକମାନେ ଦୁଷ୍କର୍ମ କର୍ମ ହୋଇଥିବା କନ୍ୟାସନ୍ତାର ମାନସିକ ଅବସ୍ଥାକୁ ଦେଖୁ ନାହାଁନ୍ତି। ଏଥିପାଇଁ ଦୁଷ୍କର୍ମ କାରୀମାନଙ୍କୁ ମାମଲାର ତ୍ୱରିତ ବିଚ଼ାରକରି ଦୋଷୀମାନଙ୍କୁ ଦଣ୍ଡ ଦିଆଯାଉ। ଏବଂ ପ୍ରତ୍ୟେକ ଅଭିଭାବକ ଙ୍କ ଘରେ ଯଦି ଏଭଳି ଘଟଣା ଘଟୁଛି ସମାଧାନ ମାଧ୍ୟମରେ ନୁହେଁ ଅଭିଯୁକ୍ତକୁ କିପରି ଦୋଷୀ ସାବ୍ୟସ୍ଥ ହେବ ଏବଂ ଆଇନ ହାତରେ କିଭଳି ଦଣ୍ଡ ପାଇବ ସେଥିପାଇଁ ଯତ୍ନବାନ ହେବାଦରକାର । ଏହି ଘଟଣାରେ ପୋସୋ ଆଇନ ଲାଗୁହୋଇଛି। ଆଇନର ସଚେତନତା ଅଭାବରୁ ସମାଜରେ ଏଭଳି ଜଘନ୍ୟ ଘଟଣାମାନ ଘଟୁଛି। ଅନେକ କ୍ଷେତ୍ରରେ ଅଭିଯୁକ୍ତମାନେ ଅର୍ଥର୍ ବଦଳରେ ଏବଂ ଆଇନର ଗଳିବାଟରେ ମାମଲାକୁ ରଫା ଦଫା କରିଦେଉଥିବାରୁ ସମାଜରେ ଦୁଷ୍କର୍ମ ଘଟଣାମାନ ବଢିବାରେ ଲାଗିଛି। ଦୁଷ୍କର୍ମ ମାମଲାରେ ଖୁବ ଶିଘ୍ର ତଦନ୍ତ କରାଯାଇ ଦୋଷୀକୁ କଠୋର ଦଣ୍ଡ ବ୍ୟବସ୍ଥା କରାଗଲେ ଦୁଷ୍କର୍ମ ଘଟଣା ସମାଜରେ କମ ହେବ ବୋଲି ଆଇନଜ୍ଞ ବଟକୃଷ୍ଣ ସାହୁ ମତ ଦେଇଛନ୍ତି ।

## ଶୂନ୍ୟ ଦୁର୍ଘଟଣା କାର୍ଯ୍ୟକ୍ରମ

ଭୁବନେଶ୍ୱର (ଏପିନ୍ୟୁଜ) ଓଡ଼ିଶାର ସଡ଼କ ସୁରକ୍ଷିତ ହେବ, ଦୁର୍ଘଟଣାଜନିତ ମୃତ୍ୟୁହାର କମିବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ଜିରୋ ଆକ୍ସିଡେଂଟ କାର୍ଯ୍ୟକ୍ରମ। ସଡ଼କ ସୁରକ୍ଷା କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ନେଇ ଭୁବନେଶ୍ୱରରେ ଏକ ଚିନ୍ତନ ଶିବିର ଆୟୋଜନ କରାଯାଉଛି। ପରିବହନ ବିଭାଗର ମୁଖ୍ୟ ସଚିବ ଉଷା ପାଢୀ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ଆଇଆଇଟି ମାଡ୍ରାସ ସଡ଼କ ସୁରକ୍ଷା ପରାମର୍ଶ ଦାତା ପ୍ରଫେସର ଭେଙ୍କଟେଶ ସୁବ୍ରମଣ୍ୟମଙ୍କ ସହ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏହି ବୈଠକରେ ଉପସ୍ଥିତ ଥିଲେ। ସରକାରଙ୍କ ସହଯୋଗରେ ଭୁବନେଶ୍ୱରରେ ଏକ ଚିନ୍ତନ ଶିବିର ଆୟୋଜନ କରାଯାଇ ସଡ଼କ ସୁରକ୍ଷାପାଇଁ କଣ ପଦକ୍ଷେପ ନିଆଯିବ ତାହା ଉପରେ ବିଚାରବିମର୍ଶ ହେବ। ସଡ଼କ ସୁରକ୍ଷା ପାଇଁ ମାଷ୍ଟର ଟ୍ରେନର ତଦନ୍ତକାରୀ ଅଧିକାରୀ ସ୍ୱାସ୍ଥ୍ୟ ସେବା କର୍ମଚାରୀ ଶିକ୍ଷକ ଏବଂ ଅନ୍ୟ ଭାଗୀଦାରୀମାନଙ୍କ ପାଇଁ ଶିବିରରେ ଏକ ଗୁରୁତ୍ୱପୂର୍ଣ୍ଣ ସଭାହେବ। ସେମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ ଉପରେ ପ୍ରଫେସର ସୁବ୍ରମଣ୍ୟମ ଗୁରୁତ୍ୱ ଦେଇଥିଲେ।

## ସମ୍ବିତ ପାତ୍ରଙ୍କୁ ସାମ୍ବାଦିକ ସଂଘର ଶୁଭେଚ୍ଛା



ପିପିଲି,(ଏପିନ୍ୟୁଜ):ପ୍ରେସ କାଉନସିଲ ଅଫ ଇଣ୍ଡିଆର ସଦସ୍ୟ ଭାବେ ଓଡିଶାରୁ ଏକମାତ୍ର ପୁରୀ ସାଂସଦ ଡା. ସମ୍ବିତ ପାତ୍ର ମନୋନୀତ ହେବା ଅବସରରେ ଓଡିଶାର କଳିଙ୍ଗ ୟୁନିୟନ ଅଫ ଓ୍ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ (କେୟୁଡବ୍ଲ୍ୟୁଜେ) ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ରାଜ୍ୟ ସଂଘ ସଭାପତି ମନୋଜ ଦାସ ଓ ସାଧାରଣ ସଂପାଦକ ରାଜକିଶୋର ସ୍ୱାଇଁ, ଉପସଭାପତି ବିନାୟକ ମିଶ୍ର, ଚିତରଂଜନ ମହାନ୍ତି, ସୁବାସ ସ୍ୱାଇଁ, ସୌରଭ ପଟ୍ଟନାୟକ, ଦୁଃଶାସନ ନାୟକ, ବାସୁଦେବ ବରାଡ, ଅଜୟ ନାୟକ, ଅକ୍ଷୟ ରାଉତ, ବିପିନ ଦାସ, ସ୍ୱର୍ଯ୍ୟନାରାୟଣ ପ୍ରଧାନ, ଗଙ୍ଗାଧର ଦାଶ, ବିଭୂତୀଭୂଷଣ ତ୍ରୀପାଠୀ, ଜୟସେନ ପରିଡା, ସତ୍ୟଜିତ ଦାଶ, ଜୟକାନ୍ତ ରାଉତ,ନିରାକାର ଦଳେଇ,କମଳ ଦଳେଇଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତା, ଜିଲ୍ଲା ସଂଗଠନ କର୍ମକର୍ତା ଏବଂ ସମସ୍ତ ସଦସ୍ୟମାନେ ଡାକ୍ତର ପାତ୍ରଙ୍କୁ ଶୁଭେସ୍ଛା ବାର୍ତା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ,ପ୍ରେସ କାଉନସିଲ ଅଫ ଇଣ୍ଡିଆର ସଦସ୍ୟ ଭାବେ ଲୋକସଭାରୁ ତିନି ସାଂସଦଙ୍କୁ ବାଚ୍ସ୍ପତି ଓମ୍ ପ୍ରକାଶ ବିର୍ଲା ମନୋନୀତ କରିଛନ୍ତି । ମନୋନୀତ ସାଂସଦଙ୍କ ମଧ୍ୟରେ ପୁରୀ ସାଂସଦଙ୍କ ସମେତ ମହାରାଷ୍ଟ୍ର ଥାଣେର ଶିବସେନା ସାଂସଦ ନରେଶ ଗଣପତ ମସ୍କ ?, ଝାଡଖଣ୍ଡର କଂଗ୍ରେସ ସାଂସଦ କାଳିଚ୍ରଣ ମୁଣ୍ଡା ରହିଛନ୍ତି । ଖବରକାଗଜ ଓ ଖବର ସରବରାହ ସଂସ୍ଥାର ଉନ୍ନତି ଏବଂ ପ୍ରେସ ସ୍ୱାଧୀନତା ପାଇଁ ପିସିଆଇ ଏକ ଅର୍ଦ୍ଧ-ନ୍ୟାୟିକ ସଂସ୍ଥା ଭାବରେ କାର୍ଯ୍ୟ କରିଥାଏ ।

## ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା

ରାଜ୍ୟର ବିଶିଷ୍ଟ ବ୍ୟକ୍ତି ଓ ବରପୁତ୍ରମାନେ ଜନ୍ମଗ୍ରହଣ କରିଥିବା ଗ୍ରାମ ପଂଚାୟତଗୁଡିକକୁ ଚିହ୍ନଟ କରି ସେସବୁ ଗ୍ରାମକୁ ମହାପୁରୁଷ ଆଦର୍ଶ ଗ୍ରାମଯୋଜନାରେ ସାମିଲ କରିବାକୁ କୁହାଯାଇଛି । ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ହେବ ଓ ଏହା ପଂଚାୟତିରାଜ ବିଭାଗ ଦ୍ୱାରା ପରିଚାଳିତ ହେବ ବୋଲି ଜଣାପଡିଛି ।

## ଶ୍ରୀଜଗନ୍ନାଥ ମନ୍ଦିରରେ ‘ଡିଜିଟାଲ ହୁଣ୍ଡି’

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ‘ଅର୍ପଣ’ ପାଇଁ ଅନଲାଇନ ବ୍ୟବସ୍ଥାକୁ ସରଳୀକରଣ କରିବା ଏବଂ ’ସମର୍ପଣ’ ନାମକ ଏକ ଡିଜିଟାଲ ହୁଣ୍ଡି ପ୍ରଚଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆଇନ ବିଭାଗ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ଆରମ୍ଭ ହୋଇଥିବା ଜଣାପଡିଛି ।

# ପୁରୀ ଜିଲ୍ଲାର ବିଜେଡ଼ିର ବ୍ଲକ ସଭାପତି ଚୟନ ବିଳମ୍ବ ନେଇ ଚର୍ଚ୍ଚା

ପୁରୀ (ଏପିନ୍ୟୁଜ) ପୁରୀ ଜିଲ୍ଲାର ୧୧ଟି ବ୍ଲକର ସଭାପତି ଚୟନ ବିଳମ୍ବକୁ ନେଇ ଦଳୀୟ କର୍ମୀମହଲରେ ଚର୍ଚ୍ଚା ଚାଲିଛି। ସାଂସଦ ଶୁଭାଷିଷ ଖୁଂଟିଆ, ପୂର୍ବତନ ବିଧାୟକ ରୁଦ୍ରପ୍ରସାଦ ମହାରଥୀଙ୍କ ସମେତ ବ୍ଲକ ସ୍ତରୀୟ ନେତାମାନେ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜେଡ଼ିଦଳର ଜଣେ ସର୍ବମାନ୍ୟ ନେତା ସେ ହେଉଛନ୍ତି ନବୀନ ପଟ୍ଟନାୟକ। ଅନ୍ୟପକ୍ଷରେ ଜିଲ୍ଲା ସଭାପତି ରାଜ୍ୟ ନିର୍ବାଚନ ବିଜେଡ଼ି ସଭାପତିଭାବେ ଉମାକାନ୍ତ ସାମନ୍ତରାୟଙ୍କୁ ସର୍ବସମ୍ମତଭାବେ ଚୟନ କରାଯିବାପରେ ଜିଲ୍ଲାରେ ଥିବା ୧୧ଟି ବ୍ଲକର ସଭାପତି ଚୟନ କରାଯିବ ବୋଲି ଦଳୀୟ କର୍ମୀମାନେ ଭାବିଥିଲେ। କିନ୍ତୁ ଦିନପରେ ଦିନ ଗଡ଼ି ଚାଲିଛି ବ୍ଲକର ସଭାପତି ଓ ସାଙ୍ଗଠନିକ କମିଟିଗଠନ ହୋଇପାରୁନାହିଁ। ତୃଣ ମୂଳସ୍ତରରେ ଥିବା କର୍ମୀମାନେ ଦଳ ଠିକଭାବେ ଚାଲୁନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ବାରମ୍ବାର ଜିଲ୍ଲାର ଦଳୀୟ ଆଗଧାଡ଼ିର ନେତାମାନଙ୍କୁ ନେଇ ଜିଲ୍ଲା ସଭାପତି ବୈଠକ କରିଥିଲେ ମଧ୍ୟ ୧୧ଟି ବ୍ଲକ ପୌର ପରିଷଦର ସଭାପତି ସାଙ୍ଗଠନିକ କମିଟି ଗଠନ ହୋଇପାରୁନାହିଁ। ବିଶେଷ ସୂତ୍ରରୁ ପ୍ରକାଶ ବିଜେଡ଼ି ଦଳର ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ , ପ୍ରତାପ ଦେବଙ୍କ ବାସଭବନରେ ଏକାଠି ହୋଇ ଜିଲ୍ଲାର ସଙ୍ଗଠନ ପ୍ରସଙ୍ଗରେ ଏକ ବୈଠକ ବସିଥିଲା। କିନ୍ତୁ ପୁରୀ ଜିଲ୍ଲା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାର ମହାନ୍ତି କୁଆଡ଼େ ଯୋଗ ଦେଇନଥିବାରୁ ଜିଲ୍ଲାସାରା ଚର୍ଚ୍ଚା ହେଉଛି। ଜିଲ୍ଲାରେ ଦଳରେ ଏକ ଶୃଙ୍ଖଳା କମିଟି ଗଠନ ହୋଇଛି, ଅଚାନକ ପୁରୀ ନେତାମାନଙ୍କ ମେଳିକୁ ନେଇ ବିଭିନ୍ନ ପ୍ରକାରର ଆଲୋଚନା କରାଯାଉଛି। ସାସଂଦ ଶ୍ରୀ ଖୁଂଟିଆ କହିଛନ୍ତି ଦଳରେ କିଛି ବିଶୃଙ୍ଖଳା ନାହିଁ। ଦଳରେ ବେଶି ନେତା ଥିବାରୁ କିଛି ଛୋଟମୋଟର ବିଶୃଙ୍ଖଳା ଥାଏ। ବିଜେଡ଼ି ଆଗକୁ ସରକାର ଗଠନ କରିବ ବୋଲି ଦୃଢକ୍ତି ପ୍ରକାଶ କରିଥିଲେ। ଅଧିକାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାକୁ ଆସିଥିଲେ। ଜିଲ୍ଲା ସଭାପତି ସାମନ୍ତରାୟ କହିଛନ୍ତି- ଦଳର କୌଣସି ବୈଠକ ହୋଇନି ବୋଲି କହିଛନ୍ତି। ରାଜ୍ୟ ନିର୍ବାଚନ ପୁରୀ ଜିଲ୍ଲାରେ ଦଳ ସଂଗଠିତ ଅଛି। କୌଣସି ଅସୁବିଧା ନାହିଁ। ଜଣେ ବରିଷ୍ଠନେତା ମତଦେଇଛନ୍ତି ସରକାରରେ ଦଳଥିଲେ ଶୃଙ୍ଖଳା କମିଟିର ଆବଶ୍ୟକତା ପଡ଼ିନଥାନ୍ତା। ଦଳ ସରକାରରେ ନାହିଁ ତେଣୁ ଦଳରେ ବିଶୃଙ୍ଖଳା ଦେଖାଦେଉଛି। ଦଳର ସମସ୍ତଙ୍କୁ ଶୃଙ୍ଖଳାଭିତରେ ରଖିବାକୁ କମିଟି ଗଠନ ହୋଇଥାଏ। ଦଳ ସରକାରରେ ବାହାରେ ରହିଯାଏ ସେତେବେଳେ ନେତାମାନଙ୍କ ମଧ୍ୟରେ ମତଭେଦ ହୋଇଥାଏ। ଦଳ ଠିକ ଅଛି ଆଗକୁ ବଢିବ ଏବଂ ସରକାର ଗଠନ କରିବ।

## ଦୟା ନଦୀରେ ପୋକ ସାଲୁବାଲୁ.....

ଝରଣା ମିଶିଛି । ଛଅ ଦଶନ୍ଧି ପୂର୍ବେ ଏହା ଏକ ବିଶୁଦ୍ଧ ଝରଣା ଭଳି ବୋହି ଯାଉଥିଲା। କିନ୍ତୁ ଏବେ ଭୁବନେଶ୍ୱର ସହରର ସମସ୍ତ ନାଳ ନର୍ଦ୍ଧମା ଓ ଶିଳ୍ପାଂଚଳର ବର୍ଜ୍ୟବସ୍ତୁ ଗଙ୍ଗୁଆ ନଦୀ ଦେଇ ଦୟାନଦୀରେ ମିଶୁଛି । ଏହି ଗଙ୍ଗୁଆ ନଦୀ ଦେଇ ପ୍ରତିଦିନ ୫୬୨ କ୍ୟୁସେକ ଦୂଷିତ ଜଳ ଦୟାନଦୀରେ ମିଶୁଛି। ଫଳରେ ପିପିଲି, ଡେଲାଙ୍ଗ, ସତ୍ୟବାଦୀ ଓ କଣାସ ବ୍ଲକ ଅନ୍ତର୍ଗତ ୧୫୦ରୁ ଅଧିକ ଗାଁର ଅଧିବାସୀ ଏହି ପ୍ରଦୂଷିତ ନଦୀଜଳ ଦ୍ୱାରା ପ୍ରଭାବିତ ହେଉଛନ୍ତି। ନଦୀ ଅବବାହିକାର ଲୋକମାନେ ବିଭିନ୍ନ ସମୟରେ କଲେରା, ଟାଇଫଏଡ଼, ଡିସେଂଟ୍ରୀ, ହେପାଟାଇଟସ, ଜଣ୍ଡିସ, ଆଦି ବିଭିନ୍ନ ଚର୍ମରୋଗ ଓ ପେଟଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଭୁବନେଶ୍ୱରସ୍ଥ ବିଭିନ୍ନ ଶିଳ୍ପ ଓ ହସ୍ପିଟାଲରୁ ନିର୍ଗତ ରଙ୍ଗ ସହ ନମନୀୟ ନୀଳ ଧଳା ଧାତୁ ଏବଂ ବ୍ୟାକ୍ଟେରିଆ ଯୁକ୍ତ ଦୂଷିତ ଜଳ ଗଙ୍ଗୁଆ ନଦୀ ଦେଇ ପ୍ରତିଦିନ ଦୟାନଦୀରେ ମିଶୁଛି । ଫଳରେ ନଦୀରେ ଥିବା ମାଛମାନେ ମଧ୍ୟ ରୋଗାକ୍ରାନ୍ତ ହେଉଛନ୍ତି । ଭୁବନେଶ୍ୱର ସହର ସମେତ ଘାଟିକିଆ, ପଟିଆ, ମଂଚେଶ୍ୱର, ବାଣିବିହାର, ଲକ୍ଷ୍ମୀସାଗର, ବରଗଡ଼, ଏୟାରପୋର୍ଟ, କେଦାରଗୌରୀ ଓ ସାମନ୍ତରାପୁର ଅଂଚଳ ପ୍ରଭୃତି ୧୦ଟି ପ୍ରମୁଖ ପ୍ରାୟ ୧୦୩.୪୩କିମି ବ୍ୟାସାର୍ଦ୍ଧ ନାଳରେ ଘରୋଇ ଓ ଶିଳ୍ପାଂଚଳର ପ୍ରଦୂଷିତ ଜଳ ଉକ୍ତ ଗଙ୍ଗୁଆ ନଦୀ ମଧ୍ୟଦେଇ ଦୟାନଦୀରେ ମିଶୁଛି । ଓ୍ୱାଟର ଟ୍ରିଟମେଂଟ ପ୍ଲାଂଟ ଦ୍ୱାରା ଦୂଷିତ ପାଣିକୁ ବିଶୋଧନ ନକରି ସିଧାସଳଖ ଦୟାନଦୀକୁ ପ୍ରଦୂଷିତ ପାଣି ଛଡ଼ାଯାଉଛି। ବିଷୋଧକ ଯନ୍ତ୍ର ସାହାଯ୍ୟରେ ଗଙ୍ଗୁଆ ପାଣିକୁ ବିଶୋଧନ କରି ଦୟାନଦୀକୁ ଛଡ଼ାଯିବ ବୋଲି ଦୀର୍ଘ ୧୦ ବର୍ଷ ହେବ ଡ୍ରେନେଜ ବିଭାଗ ସ୍ତରରୁ ମଧ୍ୟ ଶୁଣିବାକୁ ମିଳୁଛି। ଗଙ୍ଗୁଆନଦୀ ଚନ୍ଦକା ସଂରକ୍ଷିତ ଜଙ୍ଗଲରୁ ବାହାରି ନନ୍ଦନକାନନ, ପଟିଆ, କଳାରାହାଙ୍ଗ, ମଂଚେଶ୍ୱର, ରସୁଲଗଡ଼, ପଳାଶୁଣି ଆଦି ଅଂଚଳ ଦେଇ ଗୋଟିଏ ଭାଗ କୁଆଖାଇ ଏବଂ ଅନ୍ୟ ଭାଗଟି ପାଣ୍ଡରା, ବଡ଼ଗଡ଼, ଶିଶୁପାଳଗଡ଼, ନୂଆଗାଁ, ପାଂଚଗାଁ ଆଦି ଦେଇ ଦୀର୍ଘ ୪୫ କିମି ଗତିକରି କରି ପିପିଲି କଂଟି ପଂଚାୟତର କଂଟି-ବାରିମୂଳ ଠାରେ ଦୟାନଦୀରେ ମିଶିଛି । ବୈଜ୍ଞାନିକ ମାନଙ୍କର ଗବେଷଣା ଅନୁସାରେ ଗଙ୍ଗୁଆ ଜଳ ବିଷାକ୍ତ ଅଟେ। ଏଥିରେ ଆରସେନିକ, କାଡ଼ମିୟମ, କ୍ରୋମିୟମ, କପର ସୀସା, ପାରଦ ଓ ଜିଙ୍କ ଆଦି ବିଶାକ୍ତ ଧାତବ୍ୟ ଦ୍ରବ୍ୟ ଅଛି। ଯାହାକି ବ୍ୟବହାର ଅନୁପଯୋଗୀ। ବହୁ ସମୟରେ ଦୟାନଦୀରେ ହଜାର ହଜାର ସଂଖ୍ୟାରେ ମଲା ମାଛ ଭାସୁଥିବା ଦେଖାଯାଇଛି । ସୂଚନା ଅନୁସାରେ ଉକ୍ତ ନଦୀରେ ଗାଧୋଇବା ଦୂର କଥା ଗୋଡ଼ ବୁଡ଼ାଇଲେ ବିଭିନ୍ନ ଚର୍ମ ରୋଗ ହେଉଛି ବୋଲି ଅଭିଯୋଗ ହେଉଛି । ଏହି ନଦୀଜଳ ମନୁଷ୍ୟ ଠାରୁ ପଶୁପକ୍ଷୀଙ୍କ ପିଇବା ଏବଂ ଚାଷ ଉପଯୋଗୀ ପାଇଁ ବିପଦ ସୃଷ୍ଟି କରିଛି। ଦୟାନଦୀ ଜଳ ଚାଷ ପାଇଁ ଅନୁପଯୁକ୍ତ ବୋଲି ଆଇସିଏଆରର ବୈଜ୍ଞାନିକମାନେ ମଧ୍ୟ ବାରମ୍ବାର କହିଛନ୍ତି।

# ସଂପାଦକୀୟ

## ଶିକ୍ଷା ଜୀବନର ପ୍ରକୃତ ପରିପ୍ରକାଶ ।

ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥାଏ । ଶିକ୍ଷା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଫୁଟ ହୋଇଥାଏ । ଶିକ୍ଷା ଜୀବନର ମୂଳପିଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଏ ଶିକ୍ଷା କ'ଣ ? ଏହା କେତେ ପ୍ରକାର ? ଏହାର ଲକ୍ଷଣ କ'ଣ ? ଏହା ଜାଣିବା ନିହାତି ଜରୁରୀ । ଆଜିକାଲି ସମାଜରେ ଶିକ୍ଷା କହିଲେ କେବଳ ଭଲ ନମ୍ବର ରଖି ପରୀକ୍ଷାରେ ଉତୀର୍ଣ୍ଣ କରିବା, ପରେ ଭଲ କର୍ମନିଯୁକ୍ତି ଖଣ୍ଡେ ପାଇ ଭଲରେ ଆରାମରେ ବାସ କରିବା, ତାପରେ ଶିକ୍ଷାର ଅନ୍ତ ଘଟେ ।

ସଂସ୍କୃତରେ ଅଛି-

**ବିଦ୍ୟା ଦଦାତି ବିନୟଂ ବିନୟାତ୍ ଯାତି ପାତ୍ରତାମ୍ ।**
**ପାତ୍ରତ୍ୱାତ୍ ଧନଂ ଆପ୍ନୋତି ଧନାତ୍ ଧର୍ମଃ ତତଃ ସୁଖମ୍ ।**

ଆମେ ଏହି ଶ୍ଲୋକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାଦ ପର୍ଯ୍ୟନ୍ତ ଚାଲିଆସୁଛେ, କିନ୍ତୁ ତାପରେ "ଧନାତ୍? ଧର୍ମଃ ତତଃ ସୁଖମ୍" । ଏତିକି ବେଳକୁ ସୁଖ କହିଲେ କେବଳ ବ୍ୟକ୍ତିଗତ ସୁଖକୁ ଆପଣେଇ ନେଉଛେ । ଫଳରେ ସମାଜରେ ଆମେ ନିଜକୁ ଛୋଟ କରି ବସୁଛେ । ଯଦି ଏହି ସୁଖ ସମସ୍ତଙ୍କ ମଙ୍ଗଳରେ ବିନିଯୋଗ ହୋଇପାରନ୍ତା, ତାହେଲେ ସାମୂହିକ ସୁଖ ଫେରିଆସନ୍ତା । ଏକ ସୁସ୍ଥ ସମାଜ ଗଠନ ହୋଇପାରନ୍ତା । ଆଜି ଜଣେ ଶିକ୍ଷକ, ଡାକ୍ତର, ଇଂଜିନିୟର କିମ୍ବା ଯେ କୌଣସି କର୍ମକ୍ଷେତ୍ରରେ ଥାଉ ନା କାହିଁକି ପ୍ରଥମେ ଜଣେ ମଣିଷ ହେବା ଆବଶ୍ୟକ । ନଚେତ୍? ତାର ଡାକ୍ତର, ଇଂଜିନିୟର ହେବା ପଣିଆ ବୃଥା ହୋଇଯିବ ।

ଆଜିକାଲି ସମାଜରେ ସବୁ ବାପା ମା ଚାହାଁନ୍ତି, ମୋ ପୁଅ ଗୋଟେ ଭଲ ଡାକ୍ତର କିମ୍ବା ଇଂଜିନିୟର ହେଉ, କିନ୍ତୁ ସେମାନେ ପ୍ରଥମେ ଚାହିଁବା ଉଚିତ ଯେ ମୋ ପୁଅ ଆଗ ଗୋଟେ ଭଲ ମଣିଷ ହେଉ, ତାପରେ ଡାକ୍ତର । ତା ଫଳରେ ସେ ସମାଜ ପ୍ରତି ଦାୟିତ୍ୱ ଆପେ ଆପେ ବୁଝିପାରିବ । ଯେଉଁ କର୍ତବ୍ୟ ଲାଗି ସେ ଆଜି ସମାଜରେ ପରିଚିତ ସେ ତାକୁ ଠିକ୍? ଭାବେ ତୁଲାଇ ପାରିବ । ପୂର୍ବରୁ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ଗୁରୁଙ୍କ ଆଶ୍ରମରେ ରହି ଏହି ଶିକ୍ଷା ଲାଭ କରୁଥିଲେ କିନ୍ତୁ ଆଜିର ଶିକ୍ଷା ବିଷୟଭିତିକ ହୋଇଯାଇଛି ଏବଂ ହୋଇଯାଇଛି ପାଶ୍ଚାତ୍ୟାଭିମୁଖୀ । ତେଣୁ ସମସ୍ତେ ଆମର ମୌଳିକ ଶିକ୍ଷାଠାରୁ ଦୂରେଇ ଯାଇଛନ୍ତି । ଆଶ୍ରମରେ ବୈଷୟିକ ଶିକ୍ଷା ସହ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ଦିଆଯାଉଥିଲା, ତେଣୁ ସମସ୍ତେ ଶିକ୍ଷା ସମାପନ ପରେ ସମାଜ ପ୍ରତି ଦାୟିତ୍ୱ, କର୍ତବ୍ୟ ବୋଧ ଓ ନୈତିକ ଜ୍ଞାନର ଅଧିକାରୀ ହେଉଥିଲେ ଏବଂ ସମାଜର ସେମାନେ ଯେ କୌଣସି ବିଭାଗରେ ରହିଲେ ମଧ୍ୟ ଶୃଙ୍ଖଳାର ସହ କାର୍ଯ୍ୟ କରୁଥିଲେ । ଆଜିକାଲି ଶିକ୍ଷା କିନ୍ତୁ ପ୍ରକୃତ ଶିକ୍ଷାର ସତା ହରାଇ ବସିଛି । ଅର୍ଥ ଓ ଶିକ୍ଷା ଏ ଦୁହେଁ ପରସ୍ପର ବିରୋଧୀ, କିନ୍ତୁ ଆଜି ଅର୍ଥ ଓ ଶିକ୍ଷା ଏକାର୍ଥବୋଧକ ହୋଇଯାଇଛି । ଉପଯୁକ୍ତ ଜ୍ଞାନ ନ ଥାଇ ମଧ୍ୟ ଜଣେ କୌଣସି ନିର୍ଦ୍ଦିଷ୍ଟ ବିଭାଗର ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇପାରୁଛି । ଫଳରେ ସୃଷ୍ଟି ହେଉଛି ବିଶୃଙ୍ଖଳା, ଯେଉଁ ବିଶୃଙ୍ଖଳା ସମାଜକୁ କଳୁଷିତ ଏବଂ ପଙ୍ଗୁ କରିବାରେ ଲାଗିଛି ।ଆଜିର ସମାଜର ଅବକ୍ଷୟ ଓ ଭଗବାନଙ୍କର ଆବିର୍ଭାବ ଏହାର ନିଦର୍ଶନ । ଶିଶୁ ଏ ଦେଶର ଅବକ୍ଷୟର ରକ୍ଷା କରିପାରିବେ । ଶିଶୁ ପ୍ରକୃତ ଶିକ୍ଷା ଲାଭ କଲେ ଏହା ନିଜର ନୈତିକ ବୃଦ୍ଧି ସଙ୍ଗେ ସଙ୍ଗେ ସମାଜର ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହୋଇପାରିବ । ଶିକ୍ଷା ପ୍ରକୃତରେ ବିଷୟ ଭିତିକ ଶିକ୍ଷା ଓ ଆଧ୍ୟାତ୍ମିକ ଭିତିକ ଶିକ୍ଷା ଏହିପରି ଦୁଇ ଭାଗରେ ବିଭକ୍ତ । ବିଷୟ ଭିତିକ ଶିକ୍ଷା ଜୀବିକାର୍ଜନ ନିମନ୍ତେ ଦରକାର, କିନ୍ତୁ ତା ସହିତ ଆଧ୍ୟାତ୍ମିକ ଶିକ୍ଷା ନିହାତି ଜରୁରୀ, କାରଣ ଏହା ଜୀବନ ସହିତ ଜଡ଼ିତ । ଜଣେ ବ୍ୟକ୍ତିର ଜୀବନର ପୂର୍ଣ୍ଣାଙ୍ଗତା କେବଳ ବିଷୟ ଭିତିକ ଶିକ୍ଷାରେ ଆସେ ନାହିଁ । ଜୀବନର ପୂର୍ଣ୍ଣତା ଅନୁଭବ କରିବା ପାଇଁ ଆଧ୍ୟାତ୍ମିକ ଶିକ୍ଷା ଦରକାର । ତେଣୁ କୁହାଯାଇଛି, "ସା ବିଦ୍ୟା ଯା ବିମୁକ୍ତୟେ" ଅର୍ଥାତ୍? ଯାହା ଅନ୍ଧକାରରୁ ଆଲୋକକୁ ନେଇ ମୋକ୍ଷ ପ୍ରାପ୍ତି କରାଏ ତାହା ପ୍ରକୃତ ବିଦ୍ୟା । ସେହି ବିଦ୍ୟା ହେଉଛି ଆଧ୍ୟାତ୍ମିକ ଭିତିକ ଶିକ୍ଷା । ପ୍ରଥମରୁ ହିଁ ଶିଶୁଟି ମନରେ ଗୁରୁଜନମାନଙ୍କ ପ୍ରତି ସମ୍ମାନବୋଧ ଏବଂ ଛୋଟମାନଙ୍କ ପ୍ରତି ମମତାବୋଧ ଜାଗ୍ରତ ହୋଇଥାଏ । ପରବର୍ତୀ ସମୟରେ ଏହା ଦାୟିତ୍ୱ ବୋଧରେ ସହାୟକ ହୋଇଥାଏ । ଏଜୁକେଶନ ଓ ଏଜୁକେୟାର ମଧ୍ୟରେ ଏଜୁକେଶନ ବାହ୍ୟ ସହିତ ସମ୍ପର୍କ କିନ୍ତୁ ଏଜୁକେୟାର ଭାବ ସହିତ ସମ୍ପର୍କ । ଆମେ ଯେଉଁ ଶିକ୍ଷା ବା ଜ୍ଞାନ ଆହରଣ କରୁଛେ, ଏହା ସମାଜ ନିମନ୍ତେ ବିନିଯୋଗ ହେବା ଉଚିତ । ଏସବୁ ପ୍ରତି ଦୃଷ୍ଟି ଦେବା ସହ ଚରିତ୍ର, ଆଚରଣ ଓ ସଦ୍ ଗୁଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ, ଶିଶୁଟିର ମାନସିକ ସ୍ତରରେ ମଧ୍ୟ ଉନ୍ନତି ଆଣିବା ନିମନ୍ତେ ଶିକ୍ଷା ଦିଆଯାଏ । ଯାହା ଆଜି ଶିକ୍ଷାଠାରୁ ବହୁଦୂର ଆଗରେ । ଶିଶୁଟିର (ମନରେ) ଶରୀରରେ ଭଗବାନ ପ୍ରଥମରୁ ସବୁ ଶିକ୍ଷା ଖଞ୍ଜି ଛାଡ଼ିଥାନ୍ତି । ଛୋଟ ଶିଶୁଟିର ଭିତରେ ଥିବା ଜ୍ଞାନକୁ ବାହାରକୁ ଆଣିବା ହିଁ ଏହି ଶିକ୍ଷାର ମୂଳ ଉଦ୍ଦେଶ୍ୟ । ଶିଶୁଟି ଜନ୍ମହେବା ମାତ୍ରେ କୁଆଁ କୁଆଁ ଡାକିଥାଏ । ଏହି କୁଆଁ କୁଆଁ ଶବ୍ଦ ତାକୁ କେହି ଶିଖାଇନଥାଏ । ସ୍ୱତଃପ୍ରବୃତ ଭାବରେ ଏହା ବାହାରକୁ ଆସିଥାଏ । ଠିକ୍? ସେହିପରି ସବୁ ଶିଶୁ ଭିତରେ ଯାହା ଅଛି ତାକୁ ବାହାରକୁ ଆଣିବା ଉଚିତ । କିନ୍ତୁ ଆଜିର ଶିକ୍ଷାରେ ଶିଶୁ ଉପରେ ପାଠର ବୋଝ ଲଦି ଦିଆଯାଉଛି । ବାହାରୁ ଜୋର ଜବରଦସ୍ତ ତା ମୁଣ୍ଡ ଉପରେ ବୋଝ ରଖିଲା ଭଳି ପାଠ ଲଦି ଦିଆଯାଉଛି । ଫଳରେ ତାର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରୁନାହିଁ ଏବଂ ଶିକ୍ଷା କେବଳ ବିଷୟଭିତିକ ଶିକ୍ଷା ହୋଇ ରହିଯାଇଛି । ଏହା ସମାଜର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ହୋଇପାରୁନାହିଁ । ଶିକ୍ଷାରେ ଆଧ୍ୟାତ୍ମିକ ଶିକ୍ଷା, ଭଜନ ଶିକ୍ଷା, ଶ୍ଲୋକ ଶିକ୍ଷା ଶିଶୁ ମନରେ ଭକ୍ତିର ଭାବ ଗଢ଼ିତୋଳେ ।

# ରାମ କାହାରିକୁ ତାଙ୍କର ନାମ ଜପ କରିବାକୁ ବା ତାହାର ଚିନ୍ତନ କରିବାକୁ କହି ନ ଥିଲେ ।

ଏହି ମାତୃଭୂମି ଭାରତବର୍ଷ ଅନେକ ମହାତ୍ମାଙ୍କୁ ଜନ୍ମ ଦେଇଛି, ଯେଉଁମାନେ କି ପୃଥିବୀର ସବୁ ମହାଦେଶରେ ମହାନ୍? ନାମ ଓ ଯଶ ଅର୍ଜନ କରିଥିଲେ । ଭାରତର ଅନେକ ମୁନିଋଷି ପ୍ରାଚୀନ କାଳରୁ ରାମତତ୍ତ୍ୱର ପ୍ରଚାରଦ୍ୱାରା ସେମାନଙ୍କର ସମୟକୁ ପବିତ୍ର କରି ଆସିଛନ୍ତି । ରାମାୟଣ ତ୍ରେତାଯୁଗର ଅଟେ । ହଜାର ହଜାର ବର୍ଷ ବିତିଯାଇଥିଲେ ସୁଦ୍ଧା ରାମାୟଣର ଏବେ ବି ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ସାହିରେ ସମ୍ମାନର ସହ ପାରାୟଣ କରାଯାଉଛି । ଯୁବକ ଓ ବୃଦ୍ଧ, ସମସ୍ତେ ଏବେ ମଧ୍ୟ ପରମ ଭକ୍ତିର ସହ ପବିତ୍ର ରାମନାମ ଜପ କରୁଛନ୍ତି । ସେମାନେ ଅନ୍ୟ କୌଣସି ନାମକୁ ଭୁଲି ଯାଇପାରନ୍ତି, କିନ୍ତୁ ରାମନାମକୁ ନୁହେଁ । ଜଣେ କୋଟିପତି ହେଉ ବା କପର୍ଦ୍ଦକଶୂନ୍ୟ, ପ୍ରତ୍ୟେକ ଅସୁବିଧା ସମୟରେ ଦିବ୍ୟ ରାମନାମର ଆଶ୍ରୟ ଲୋଡନ୍ତି । ଭାରତରେ ଏପରି ଲୋକ ପାଇବା କଷ୍ଟକର ଯେ ରାମନାମର ଚିନ୍ତନ ବା ଜପ କରେ ନାହିଁ । ଅତୀତରେ ଅନେକ ଋଷି ତପସ୍ୟା କରିଥିଲେ ଏବଂ ପୃଥିବୀରେ ରାମନାମର ଗୌରବ ପ୍ରସାରିତ କରିବା ପାଇଁ ଅନେକ ପ୍ରକାର ବ୍ରତ କରିଥିଲେ । ଅବଶ୍ୟ ରାମ କାହାରିକୁ ତାଙ୍କର ନାମ ଜପ କରିବାକୁ ବା ତାହାର ଚିନ୍ତନ କରିବାକୁ କହି ନ ଥିଲେ । ବସ୍ତୁତଃ ସମସ୍ତେ ଦିବ୍ୟସ୍ୱରୂପ ବୋଲି ସେ ଘୋଷଣା କରିଥିଲେ । ରାମଙ୍କର ପ୍ରଧାନ ଶିକ୍ଷା ହେଲା ଯେ ପ୍ରତ୍ୟେକ ସତ୍ୟର ଅନୁସରଣ କରିବା ଉଚିତ । ସତ୍ୟକୁ ଆଧାର କରି ଜଣେ ଧର୍ମର ପୋଷଣ ଓ ବିକାଶ କରିବା ଉଚିତ । ଧର୍ମ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବା ଦେଶରେ ସୀମିତ ନୁହେଁ; ଏହା ସମସ୍ତଙ୍କ ଭିତରେ ବିଦ୍ୟମାନ । ଏହା ସତ୍ୟରୁ ଜାତ ହୋଇଛି । ବସ୍ତୁତଃ ଧର୍ମ ସତ୍ୟ ବିନା ରହିପାରିବ ନାହିଁ । ଧର୍ମ କ'ଣ ? ଧାରୟତି ଇତି ଧର୍ମଃ । କେତେକ ଲୋକ ଭୁଲରେ ଧର୍ମକୁ କେବଳ ଦରିଦ୍ର ଭୋଜନ ବା ଦାତବ୍ୟ କାର୍ଯ୍ୟରେ ସୀମିତ କରନ୍ତି । ଧର୍ମ ନିଜର ହୃଦୟରୁ ପ୍ରବାହିତ ହେବା ଉଚିତ । ତାପରେ ତାହାକୁ ଅଭ୍ୟାସରେ ପରିଣତ କରାଯିବା ଉଚିତ । ଯେପରି କହୁଛ ସେପରି କର । ତାହା ମନୁଷ୍ୟର ପ୍ରଧାନ କର୍ତବ୍ୟ । ନିଜର ବଚନ ଓ କର୍ମରେ ପୂର୍ଣ୍ଣ ସଂହତି ରହିବା ଉଚିତ । ଅପର ପକ୍ଷରେ ଜଣେ ଯଦି ଗୋଟିଏ କଥା କହେ ଓ ତାହାର ବିପରୀତ ଆଚରଣ କରେ ତେବେ ତାହା ହେଉଛି ଅଧର୍ମ । ସତ୍ୟ ଓ ଅସତ୍ୟ, ଧର୍ମ ଓ ଅଧର୍ମ ମଧ୍ୟରେ ସ୍ୱାଭାବିକ ଭାବରେ ବିବାଦ ରହି ଆସିଛି । ରାମ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ସତ୍ୟର ଅନୁଶୀଳନ କରୁଥିଲେ, କିନ୍ତୁ ରାବଣ ଅସତ୍ୟର ଆଶ୍ରୟ ନେଇଥିଲା । ସତ୍ୟାନ୍ନାସ୍ତି ପରୋ ଧର୍ମଃ । ସୁତରାଂ ଆମେ ଛୋଟ ଛୋଟ କଥାରେ ବି ସତ୍ୟର ଅନୁଶୀଳନ କରିବା ଉଚିତ । କୌଣସି କଷ୍ଟକର ପରିସ୍ଥିତିରୁ ଖସିଯିବା ପାଇଁ ଆମେ କଦାପି ଅସତ୍ୟର ଆଶ୍ରୟ ନେବା ଉଚିତ ନୁହେଁ ।

**ସତ୍ୟରୁ ଜାତ ଏ ଜଗତ ।**
**ସତ୍ୟରେ ହୁଏ ବିଲୟିତ ।**

**ଅଛି କି ସ୍ଥାନଟିଏ କାହିଁ ।**
**ଯେଉଁଠି ସତ୍ୟ ରହିନାହିଁ ?**

ବସ୍ତୁତଃ ସତ୍ୟ ହେଉଛି ସମଗ୍ର ସୃଷ୍ଟିର ଭିତିଭୂମି । କୌଣସି କାରଣରୁ ଏହି ଭିତିଭୂମି ବ୍ୟାହତ ହେଲେ ସମଗ୍ର ଜଗତ ଧ୍ୱଂସ ପାଇଯିବ । ମନୁଷ୍ୟ ଆଜି ସମ୍ମୁଖୀନ ହେଉଥିବା ସବୁ ଦୁଃଖକଷ୍ଟର କାରଣ କ'ଣ ? ଏହାର କାରଣ ହେଉଛି ମନୁଷ୍ୟ ସତ୍ୟକୁ ଭୁଲିଯାଇଛି । ସେ ଅନ୍ୟାୟ ଓ ଅସତ୍ୟରେ ଲିପ୍ତ ରହୁଥିବାରୁ ଅପମାନ ଓ ଦୁର୍ନାମର ସମ୍ମୁଖୀନ ହେଉଛି । ଅତଏବ, ଜଣେ କୌଣସି ପରସ୍ଥିତିରେ ଅସତ୍ୟର ଆଶ୍ରୟ ନେବା ଉଚିତ ନୁହେଁ । ମନୁଷ୍ୟ କେବଳ ସତ୍ୟ କହିବା ଉଚିତ । ତୁମେ ସମସ୍ତେ ସାନ । ଏହି ସାନ ବୟସରୁ ହିଁ ସତ୍ୟର ଅନୁସରଣ କଲେ ତୁମେ ନିଶ୍ଚୟ ସମଗ୍ର ଦେଶରେ ଆଦର୍ଶ ହୋଇପାରିବ । ସତ୍ୟ କ'ଣ ? ଭଗବାନଙ୍କ ବଚନ ହିଁ ସତ୍ୟ । ସୁତରାଂ ତୁମେ 'ସର୍ବଂ ଭଗବତ୍? ପ୍ରୀତ୍ୟର୍ଥମ୍' ର ଭାବନାରେ କଥା କହିଲେ ସବୁ କିଛି ସତ୍ୟରେ ପରିଣତ ହେବ । ସତ୍ୟ ହେଉଛି ମାର୍ଗ, ଧର୍ମ ତାହାର ଅନୁସରଣ କରେ । ପ୍ରେମ ହେଉଛି ଅନୁଭୂତି । ସେତେବେଳେ ହିଁ ଅହିଂସା ପ୍ରକଟ ହୁଏ । ହିଂସା ଅନ୍ୟମାନଙ୍କର କ୍ଷତି ବା ଆଘାତ କରିବାରେ ସୀମିତ ନୁହେଁ; ନିଜର ବଚନର ବିରୁଦ୍ଧାଚରଣ କରିବା ମଧ୍ୟ ହିଂସା । ଆମର ଜିହ୍ୱାକୁ ପବିତ୍ର ଭାବରେ ବିନିଯୋଗ କରିବାଠାରୁ ବଳି ବଡ଼ ଅହିଂସା ଆଉ କିଛି ହୋଇ ନ ପାରେ । ଶାନ୍ତି ବାହାରେ କୌଣସିଠାରେ ମିଳିପାରିବ ନାହିଁ । ଏହା ଆମରି ଭିତରେ ଅଛି । ଆମ ଭିତରେ ଅନେକ ଭିନ୍ନ ଭିନ୍ନ ଗୁଣାବଳୀ ଅଛି । ଏହି ଗୁଣାବଳୀର ସଦୁପଯୋଗ କରିବା ଆମର କାମ । ତୁମେ ପଚାରିପାର, "ଭଗବାନ କାହିଁକି ଆମର ସ୍ୱଭାବ ବଦଳାଉ ନାହାଁନ୍ତି" ନା, ଭଗବାନ ଆଦୌ ହସ୍ତକ୍ଷେପ କରନ୍ତି ନାହିଁ; ସେ ସବୁର ସାକ୍ଷୀମାତ୍ର । କ'ଣ ଭଲ ଓ କ'ଣ ମନ୍ଦ ତାହା ଭଗବାନ ତୁମକୁ କହନ୍ତି ନାହିଁ । ତୁମ ନିଜର ଚିନ୍ତା ଓ ଭାବନା ହିଁ ତୁମକୁ କ'ଣ ଭଲ ଓ କ'ଣ ଖରାପ ସେ କଥା କହେ । ତୁମେ କାକୁଡ଼ିଟିଏ ଖାଇବା ବେଳେ କାକୁଡ଼ିର ହାକୁଟି ଆସେ । ସୁତରାଂ ତୁମ ଭିତରେ ଯାହା ଅଛି ତାହା ବାହାରକୁ ପ୍ରତିଫଳିତ ହେବ । ତୁମେ ଅନ୍ୟମାନଙ୍କଠାରେ ଯାହା ଖରାପ ଦେଖୁଛ ତାହା ତୁମ ନିଜ ଚିନ୍ତାର ପ୍ରତିଫଳନ ଛଡ଼ା ଆଉ କିଛି ନୁହେଁ । ସମସ୍ତଙ୍କୁ ଭଲ ପାଅ । କାହାରିକୁ ଘୃଣା କର ନାହିଁ । ଅନ୍ୟମାନଙ୍କୁ ଭୁଲ ବୁଝ ନାହିଁ । କେତେକ ଲୋକ ଭଗବାନଙ୍କ ବିଷୟରେ ବି ଭୁଲବୁଝମଣା ବଢ଼ାଇଥାନ୍ତି । ଏହା ସବୁଠାରୁ ନିକୃଷ୍ଟ ପାପ । ସୁତରାଂ ଏତାଦୃଶ ଭ୍ରାନ୍ତ ଧାରଣା ପୋଷଣ କର ନାହିଁ । ଯଦି କୌଣସି କାରଣରୁ ଏତାଦୃଶ ଚିନ୍ତା ତୁମ ମନ ଭିତରେ ପ୍ରବେଶ କରେ ତେବେ ସେଗୁଡ଼ିକୁ ତୁମର ଶତ୍ରୁ ବୋଲି ବିଚାର ଏବଂ ସେଗୁଡ଼ିକୁ ତଡ଼ି ଦିଅ । ସର୍ବଦା ପ୍ରେମପୂର୍ଣ୍ଣ ଓ ହସହସ ହୁଅ । କେବଳ ପ୍ରେମ ହିଁ ତୁମର ରକ୍ଷା କରେ ଓ ପୋଷଣ କରେ । ତୁମେ ନିଜେ ପ୍ରେମସ୍ୱରୂପ । ଯେଉଁଠାରେ ପ୍ରେମ ଅଛି ସେଠାରେ ଦ୍ୱେଷ ପ୍ରବେଶ କରିପାରିବ ନାହିଁ । ଭଗବାନ ସମସ୍ତଙ୍କୁ ସମାନ ଭାବରେ ଭଲ ପାଆନ୍ତି । ତାଙ୍କର କାହାରି ପ୍ରତି ଦ୍ୱେଷ ନାହିଁ । ସେ ସର୍ବଦା ପ୍ରସନ୍ନ ଓ ହସହସ । ସହାସ୍ୟ ବଦନ ଦିବ୍ୟାତ୍ମାଙ୍କର ସ୍ୱାଭାବିକ ଗୁଣ । ଯେଉଁଠାରେ ହସ ଅଛି ସେଠାରେ ଦ୍ୱେଷ ଆଦୌ ରହିପାରିବ ନାହିଁ । ଏତାଦୃଶ ଦିବ୍ୟ ଗୁଣାବଳୀ ଥିବା ଲୋକମାନେ କୌଣସି ପରିସ୍ଥିତିରେ ବିଚଳିତ ହୁଅନ୍ତି ନାହିଁ । ସୁତରାଂ, ସର୍ବଦା ପ୍ରସନ୍ନ ଓ ହସହସ ହୁଅ । କଦାପି ଧାନ ଉଷୁଆଁ ହାଣ୍ଡି ପରି ଏଡ଼େ ମୁହଁ କର ନାହିଁ । କେତେକ ଛାତ୍ର ସେମାନଙ୍କର ପରୀକ୍ଷା ବିଷୟରେ ଅତିଶୟ ଚିନ୍ତିତ; ସେମାନେ ତାହା ବିଳମ୍ବରେ ହେବା ପାଇଁ ବା ସ୍ଥଗିତ ହେବା ପାଇଁ ଚାହାଁନ୍ତି । କିନ୍ତୁ ତୁମେ ଯେତେ ଶୀଘ୍ର ପରୀକ୍ଷା ଦେବ ଓ ଉ ର୍ଣ୍ଣ ହେବ ସେତେ ଶୀଘ୍ର ଉଚ୍ଚତର ଶ୍ରେଣୀକୁ ଯିବ । ତୁମେ ଉପର ଶ୍ରେଣୀକୁ ଯିବା ପାଇଁ ତ୍ୱରାନ୍ୱିତ ହେବା ଉଚିତ । ଏହି ତ୍ୱରାରେ କୌଣସି ଚିନ୍ତା ନାହିଁ ।

ବଜାରରେ ବିକ୍ରି ହେଉଥିବା ସବୁ ପ୍ରକାର ମିଷ୍ଟାନ୍ନ ଖାଇବାଦ୍ୱାରା ତୁମର ସ୍ୱାସ୍ଥ୍ୟ ନଷ୍ଟ ହେବ । ସେହି ମିଷ୍ଟାନ୍ନଗୁଡ଼ିକ ସୁଆଦିଆ ହୋଇପାରେ, କିନ୍ତୁ ତୁମ ପାଇଁ କ୍ଷତିକାରକ । ବରଂ ଆମର ପ୍ରାଚୀନ ମହର୍ଷିମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ରାମନାମର ମିଷ୍ଟାନ୍ନ ଭକ୍ଷଣ କର । ଏହାର ତୁମ ମନ ଉପରେ ଏକ ବିସ୍ମୟକର ପ୍ରଭାବ ରହିଛି । ଏହା କଦାପି ବାସି ହେବ ନାହିଁ କି ନଷ୍ଟ ହେବ ନାହିଁ । ତୁମେ ଏହି ରାମନାମ ମିଷ୍ଟାନ୍ନ ଯେତେ ଅଧିକ ଖାଇବ ଏଥିରୁ ତୁମେ ସେତିକି ଅଧିକ ଆନନ୍ଦ ପାଇବ । ଏହା ନବାତଠାରୁ ମଧୁରତର ଓ ଦହିଠାରୁ ଅଧିକ ସୁଆଦିଆ । ଦିବ୍ୟ ରାମନାମ ମଧୁରତାରେ ପରିପୂର୍ଣ୍ଣ ଏବଂ ଏହା ଚିରଦିନ ପାଇଁ ମଧୁର ରହେ । ପୃଥିବୀରେ ଭଗବାନଙ୍କର ଅନେକ ଅବତାର ହୋଇଛି । କିନ୍ତୁ ଦିବ୍ୟ ରାମନାମ ଶାଶ୍ୱତ ହୋଇ ରହିଛି । ପ୍ରାଚୀନ କାଳରୁ ରାମନାମ ସମସ୍ତଙ୍କ ପାଇଁ ତାରକ ମନ୍ତ୍ର ହୋଇ ରହିଛି । ବାଳକଠାରୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ରାମନାମ ଜପର ଆନନ୍ଦ ଲାଭ କରିପାରିବେ । ରାମନାମର ମଧୁରତା ଅନୁଭୂତି କରିବାରେ ବୟସ କୌଣସି ପ୍ରତିବନ୍ଧକ ନୁହେଁ ।

ଏହି ନାମରେ ପର୍ଯ୍ୟାପ୍ତ ମଧୁରତା ରହିଛି । ଆମେ ଏପରି ମଧୁର, ଅମୃତମୟ ଓ ଆନନ୍ଦମୟ ରାମନାମକୁ ମୁହୂର୍ତକ ପାଇଁ ବି ତ୍ୟାଗ କରିବା ଉଚିତ ନୁହେଁ ।

**- ଭଗବାନ ଶ୍ରୀ ସତ୍ୟସାଇ ବାବା**
**(ଦିବ୍ୟ ସମ୍ଭାଷଣ : ୩୯ତମ ଭାଗ)**

# କମ୍ୟୁନିଷ୍ଟ ପାଟି ଦବଦବା କମିବାରୁ ନିମାପଡ଼ାରେ ଅଫିସବାଡ଼ିରେ ଅରାଜକତା ଦେଖାଦେଇଛି

ନିମାପଡ଼ା, (ଏପିନ୍ୟୁଜ) ୮୦ ଦଶନ୍ଧି ପର୍ଯ୍ୟନ୍ତ ନିମାପଡ଼ାରେ ସିପିଆଇ ର ଦବଦବା ରହିଥିଲା। କମ୍ୟୁନିଷ୍ଟ ମାନଙ୍କ ଭଞ୍ଜରେ ସେତେବେଳେ ପୁଲିସ ଠାରୁ ଆରମ୍ଭକରି ସରକାରୀ କର୍ମଚାରୀ ନିମାପଡ଼ା ଆସିବାକୁ ଦୁଇଥର ଚିନ୍ତା କରୁଥିଲେ। କମ୍ୟୁନିଷ୍ଟ ପାର୍ଟି ପ୍ରତ୍ୟେକ ସମୟରେ ଗରିବ ଖଟିଖିଆ ଦିନ ମଜୁରିଆ କୃଷିକାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରୁଥିଲା। ୧୯୫୦ ମସିହାରୁ ୧୯୮୦ ମସିହା ପର୍ଯ୍ୟନ୍ତ ନିମାପଡ଼ାରେ କମ୍ୟୁନିଷ୍ଟ ପାଟିର ନିମାପଡ଼ାରେ ପ୍ରଭାବ ରହିଥିଲା। କମ୍ୟୁନିଷ୍ଟ ଦଳର ନିମାପଡ଼ାରେ ବିଧାୟକ ନଥିଲେ ମଧ ସେତେବେଳେ ୧୫ଟି ପଂଚାୟତରେ ପାର୍ଟିର ଦୃଢ ସଂଗଠନ ଥିଲା। ସରକାରୀ ସ୍ତରରେ ନିଷ୍ପତି ଭୁଲ ହୋଇଗଲେ ପାର୍ଟିର କର୍ମୀମାନେ ଆନ୍ଦୋଳନ ଘେରାଉ କରୁଥିଲେ। ଯେ କୌଣସି ବିଭାଗରେ ସରକାରୀ ଅଫିସର ଏବଂ ଯନ୍ତ୍ରୀ ନିମାପଡ଼ାକୁ ଆସିବାକୁ ସେତେବେଳେ ଭୟ କରୁଥିଲେ। ତୃଣମୂଳ ସ୍ତରରେ କମ୍ୟୁନିଷ୍ଟ ପାଟିର ଦୃଢ ସଙ୍ଗଠନ ଥିଲା। ସରକାରୀ କଳର କମ୍ୟୁନିଷ୍ଟଙ୍କୁ ଯଥେଷ୍ଟ ଭୟଥିଲା। ୯୫ ମସିହା ପରଠାରୁ କମ୍ୟୁନିଷ୍ଟ ମାନଙ୍କ ପ୍ରଭାବ ନିମାପଡ଼ାରେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। କମ୍ୟୁନିଷ୍ଟ ପାଟି ସହ ପଛରେ ଚାଷୀ, ମୂଲିଆ, ଗରିବ, ଖଟିଖିଆ, ମେହନତି ମଣିଷମାନେ ସଂଗଠିତ ହୋଇ ସେମାନେ ପାଟି ପଛରେ ରହିଥିଲେ, ସରକାରୀ କଳରେ କୌଣସି ଅନିୟମିତତା




ଦେଖଣଦେଲେ କମ୍ୟୁନିଷ୍ଟ ମାନେ ସେତେବେଳେ ଆନ୍ଦୋଳନ କରି ସରକାରୀ କଳକୁ ଦୋହଲାଇ ଦେଉଥିଲେ। ତେଣୁ ସରକାରୀ କଳ କମ୍ୟୁନିଷ୍ଟମାନଙ୍କୁ ଭୟ କରୁଥିଲେ। କମ୍ୟୁନିଷ୍ଟ ପାଟିରେ ଥିବା ନେତାମାନେ କ୍ଷମତା ଲୋଭରେ ଅନ୍ଧହୋଇ ପାଟି ଛାଡ଼ିବାରୁ କମ୍ୟୁନିଷ୍ଟ ପାଟି ଦୁର୍ବଳ ହୋଇଗଲା। ନିମାପଡ଼ାକୁ ବଦଳି ହୋଇ ଆସୁଥିବା କର୍ମଚାରୀମାନେ ରାଜନୈତିକ ପୃଷ୍ଟପୋଷକତାକୁ ଲାଭ କରି ବିପୁଳ ସମ୍ପତିର ଅଧିକାରୀ ହୋଇ ଏଠାରେ ଘରଦ୍ୱାର କରି ରହିଯାଉଛନ୍ତି। କମ୍ୟୁନିଷ୍ଟ ପାଟି ଭୟରେ ବିଡ଼ିଓ ତହସିଲଦାର, ସମସ୍ତ ଲାଇନ ବିଭାଗର ଯନ୍ତ୍ରୀମାନେ ସେମାନଙ୍କ ପାଇଁ ଥିବା ଅଫିସ ସଲଗ୍ନ କ୍ୱାଟରରେ ପିଲାଛୁଆଧରି ରହୁଥିଲେ। ସେମାନଙ୍କ ପିଲାମାନେ ନିମାପଡ଼ାରେ ଥିବା ସ୍କୁଲ କଲେଜରୁ ଶିକ୍ଷା ଲାଭ କରୁଥିଲେ। ଅଧିକାରୀମାନଙ୍କ ସରକାରୀ କ୍ୱାଟରରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ରାଜକୋଷରୁ ଖର୍ଚ୍ଚ ହେଉଛି କିନ୍ତୁ କୌଣସି ଅଧିକାରୀ ନିଜର ଆଲିଶାନ କ୍ୱାଟରରେ ନରହି ଅନ୍ୟତ୍ର ରହୁଛନ୍ତି। ନିକଟରେ ଜଣେ ଉଚ୍ଚ ପାହ୍ୟାର ଯନ୍ତ୍ରୀ ନିମାପଡ଼ାର ଦେଢ ବର୍ଷଧରି କାର୍ଯ୍ୟକରୁଥିଲେ ସେ କାର୍ଯ୍ୟକରୁଥିବା ସ୍ଥାନରେ ରହିବାକୁ ତାଙ୍କର ପ୍ରବଳ ଇଛା ଥିଲା। ତେଣୁ ସେ ଆଉ କିଛିଦିନ ନିମାପଡ଼ାରେ କଟାଇବା ପାଇଁ ମନସ୍ଥ କରିଥିଲେ। ସେ କୁଆଡ଼େ ମଙ୍ଗୁଆଳଙ୍କୁ ମାର୍ଚ୍ଚ ମାସରେ ଯାହା ରୋଜଗାର କରିଥିଲେ ସେଥିରୁ ମୋଟା ଅଙ୍କର ଅର୍ଥ ଦେଇଥିଲେ ରହିବାପାଇଁ। କ୍ଷମତାରେ ଥିବା ଦଳର ଯୁବନେତା ସ୍ୱାଇଁଙ୍କୁ ସେହି ଯନ୍ତ୍ରୀ ଜଣକ ଅଧିକ ଅନୁକମ୍ପା ଦେଖାଇଥିଲେ ତାହା ବାବୁଙ୍କ ଦେହରେ ଗଲା ନାହିଁ । ମଙ୍ଗୁଆଳଙ୍କ ସହ ହାତ ଗଣ୍ଠି ପଡ଼ିଥିବା ବାବୁଙ୍କୁ ବିଦା କରିଦେଲେ କଥା ସରିଲା । ବାବୁଙ୍କ ଏକାଯିଦ ସେହି ଯନ୍ତ୍ରୀ ନିମାପଡ଼ାରୁ ବିଦାହେବେ ଏବଂ ସେ ବାଛିଥିବା ଯନ୍ତ୍ରୀଙ୍କୁ ନିମାପଡ଼ା ଗାଦିରେ ବସାଇବେ। ଯନ୍ତ୍ରୀ ମହାଶୟ ପାହାଡ଼ ଅଂଚଳରେ ରହି ଅଜନ୍ତୁରି ହୋଇ ପଡ଼ିଥିଲେ ନିମାପଡ଼ା ଆସିବାକୁ ବ୍ୟସ୍ତ ନଦୀନାଳ ଭରା ଅଂଚଳ ବର୍ଷକ ବାରମାସ କାମ ଭଲ ରୋଜଗାର ହେବା ଆଶାରେ ଆସିଛନ୍ତି। ନିମାପଡ଼ାର ବିକାଶର ପାଇଁ ସର୍ବଦା ଚିନ୍ତା କରୁଥିବା ମଙ୍ଗୁଆଳ କୁଆଡ଼େ ବଦଳି କରିବାକୁ ରାଜି ନଥିଲେ, କଥା ନରହିଲେ ସେ କଣ ନାହିଁ କଣ କରିଦେବେ ବୋଲି ଧମକ ଦେଇଥିଲେ । ଅପରେଶସନ ସିନ୍ଦୁରକୁ ଦ୍ୱାହି ଦେଇ ଶେଷରେ ବାବୁଙ୍କ କଥା ରହିଲା ।ଯନ୍ତ୍ରୀଙ୍କ ଅଦଳ ବଦଳ ହେଲା। ନିମାପଡ଼ାରରେ ଅରାଜକତାକୁ ହୃଦୟଙ୍ଗମକରି ଜନସାଧାରଣ କମ୍ୟୁନିଷ୍ଟ ପାଟିର ଅନୁପସ୍ଥିତିକୁ ଅନୁଭବ କରୁଛନ୍ତି। କିନ୍ତୁ ସେତେବେଳର କମ୍ୟୁନିଷ୍ଟ ପାଟି ଓ ନେତା ଏବେ ନାହାଁନ୍ତି ନିମାପଡ଼ାରେ ମହତାବଙ୍କ ଭାଷାରେ ଦୁର୍ନିତୀକୁ ନୀତି କରି ଦେଲେ ସବୁ ଠିକ ହୋଇଯିବ ମହତାବ ନୀତିରେ ସବୁଠିକ ଚାଲିଛି। ସେତେବେଳର କମ୍ୟୁନିଷ୍ଟ ପାର୍ଟିର ଦବଦବାକୁ ଅବସରନେଇ ଘରେ ବସିଥିବା ବୁଦ୍ଧିଜିବୀମାନେ ଏବେ ମନେପକାଇ କିଭଳି ନିମାପଡ଼ା ଥିଲା ଏବେ ହେଉଛି କଣ ବୋଲି ମତ ଦେଇଛନ୍ତି। ସବୁକ୍ଷେତ୍ରରେ କମିଶନ ଏବଂ ପିସି ଆଦାୟ ଚାଲିଛି। ଯେଉଁମାନେ ପିସି ଦେଇପାରିଲେ ସେମାନେ ଆଗକୁ ବଢିଚାଲିଲେ। ବିକାଶ ନାମରେ ଯେଉଁ ଅର୍ଥ ନିମାପଡ଼ାକୁ ଆସିଛି ସିହଂଭାଗ ବାଟମାରଣା ହେଉଛି। ସାଧାରଣ ଲୋକଙ୍କ ପାଇଁ ସଂଗ୍ରାମ କରୁଥିବା କମ୍ୟୁନିଷ୍ଟ ପାଟି ପ୍ରତିଲୋକ ସମର୍ଥନ ହ୍ରାସ ପାଇବାରୁ ଥାନା ଫାଣ୍ଡି ସମେତ ସମସ୍ତ କ୍ଷେତ୍ରରେ ଅରଜକତା ଚାଲିଛି।

# ଇଣ୍ଡିଆନ ପ୍ରିମିୟର ଲିଗର ବୃହତ ସଫଳତା

ଲଳିତ ମୋଦି ଯିଏକି ଆଇ.ପି.ଏଲ୍‌ର ଫାଉଣ୍ଡର, ପ୍ରଥମ ଚେୟାରମ୍ୟାନ୍ ଓ ଲିଗ୍ କମିଶନର ଅଟନ୍ତି ସେ ୨୦୦୮ ମସିହାରେ ଏହାର ଶୁଭାରମ୍ଭ କରିଥିଲେ । ବହୁ ଆନ୍ତର୍ଜାତୀୟ ଖେଳାଳିମାନଙ୍କୁ ନେଇ ବିଶ୍ୱର ସବୁଠାରୁ ଏହି ବ୍ୟୟ ବହୁଳ କ୍ରିକେଟ ପ୍ରତିଯୋଗିତା ଭାରତ ସହିତ ସମଗ୍ର ବିଶ୍ୱରେ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏବଂ ଏଥିପାଇଁ ବିଶେଷ ଭାବରେ ଦର୍ଶକମାନଙ୍କ ଭଲପାଇବା ସର୍ବାଗ୍ରେ ରହିଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଦଳରେ ବହୁ ସଂଖ୍ୟକ ପ୍ରତିଭା ସମ୍ପନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳୀମାନେ ମଧ ସେମାନଙ୍କ ପାରଦର୍ଶିତା ଦେଖାଇପାରିଛନ୍ତି । ବିଗତ ସଂସ୍କରଣ ମାନଙ୍କରେ ରାଜ୍ୟ ସ୍ତରୀୟ ବହୁ ସଂଖ୍ୟକ ଖେଳାଳି ସେମାନଙ୍କ ଉଚ୍ଚକୋଟିର ପ୍ରଦର୍ଶନ ଦ୍ୱାରା ନିଜକୁ ଭାରତୀୟ ଦଳରେ ସ୍ଥାୟୀ ସଦସ୍ୟ ଭାବେ ପରିଗଣିତ କରିପାରିଛନ୍ତି । ଉଦାହରଣ ସ୍ୱରୂପ ଆର୍. ଅଶ୍ୱିନୀ, ଯୁବି ଚହଲ, ଯସଶ୍ୱି ଜୟସ୍ୱାଲ ଓ ଅନ୍ୟମାନେ । ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହୋଇ ନୂଆ ପରିବର୍ତିତ କାର୍ଯ୍ୟସୂଚୀ ଅନୁସାରେ ଜୁନ୍ ୩ ତାରିଖରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ୭୪ଟି ମ୍ୟାଚ ଅନ୍ତର୍ଭୁକ୍ତ କରାଯାଇଅଛି । ଯଦି ଏହି ପ୍ରତିଯୋଗିତାରେ ଇତିହାସକୁ ଆମ୍ଭେ ଉନ୍ମୋଚନ କରିବା ବହୁତ ରୋଚକ ଏବଂ ଅବିଶ୍ୱାସନୀୟ ତଥ୍ୟ ପାଇପାରିବା ଯଥା ଦଳଗତ ଭାବେ କେ.କେ.ଆର୍ ତିନିଥର, ସି.ଏସ୍.କେ ଓ ଏମ୍.ଆଇ ୫ଥର ଲେଖାଁଏ ଚମ୍ପିଆନ୍ ଆଖ୍ୟା ହାସଲ କରିଛନ୍ତି । ବ୍ୟକ୍ତିଗତ ଭାବରେ ଗେଲ (ଆର୍.ସି.ବି) ୩୦ଟି ବଲ୍‌ରୁ ଶତକ ହାସଲ କରିବା ସହିତ ସର୍ବୋଚ୍ଚ ଅପରାଜିତ ୧୭୫ ରନ୍‌ର ରେକର୍ଡ ମଧ ହାସଲ କରିଛନ୍ତି । ସେହିପରି ବୋଲିଙ୍ଗ ବିଭାଗରେ ଅଲଜାରି ଯୋଶେଫ (ଏମ ଆଇ) ୬/୧୨ ସର୍ବୋଲମ ବୋଲିଙ୍ଗ ଚିତ୍ର ପାଇଛନ୍ତି। ସେହିପରି ସର୍ବୋଚ୍ଚ ଦଳଗତ ସ୍କୋର ୨୮୭ ସନରାଇଜର୍ସ ନାମରେ ଅଛି, ଏବଂ ବିପକ୍ଷରେ ଥିଲା ଆର ସି ବି। ସର୍ବନିମ୍ନ ଦଳଗତ ସ୍କୋର ଆର ସି ବି ୪୯/୧୦ ବିପକ୍ଷରେ ଥିଲା କେ କେ ଆର । ଦ୍ରୁତତମ ୫୦ (୩୦ ବଲ) ଯସସ୍ୱି ଜୟସ୍ୱାଲଙ୍କ (ଆର ଆର) ନାମରେ ଅଛି ଏବଂ ଦ୍ରୁତତମ ବଲ ୧୫୭.୭ଶୁଆନ ଟେଟଙ୍କ (ଆର ଆର) ନାମରେ ଅଛି। ଗ୍ଲେନ ମାକ୍ସୱେଲ ସର୍ବାଧିକ ୧୯ ଥର ଶୂନରେ ଆଉଟ ଏକ ଅଲୋଡ଼ା କୀର୍ତିମାନ ସ୍ଥାପନ କରିଛନ୍ତି । ବ୍ୟକ୍ତିଗତ ପରିସଂଖ୍ୟାନ ଅନୁସାରେ ବିରାଟ କୋହଲି(ଆର ସି ବି) ୮୫୫୨ ରନ ସଂଗ୍ରହ କରି ଏବଂ ଚହଲ (ପ.କି)୨୦୫ଟି ଉଇକେଟ ଅକ୍ତିଆର କରି ଏ ପର୍ଯ୍ୟନ୍ତ ଆ ପି ଏଲ ରେ ସର୍ବାଗ୍ରେ ଅଛନ୍ତି ।ଏହି ସଂସ୍କରଣ ୨୦୨୫ ରେ ସାଇ ସୁଦର୍ଶନ (ଜି ଟି) ଏପର୍ଯ୍ୟନ୍ତ ୬୭୯ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ ଏବଂ ନୁର ଅହମ୍ମଦ (ସି ଏସ କେ) ୨୪ଟି ଉଇକେଟ ନେଇ ପର୍ପଲ କ୍ୟାପର ଅଧିକାରୀ ହୋଇପାରିଛନ୍ତି। ସେହିପରି ଭାବେ ଏମ ଏସ ଧୋନିଙ୍କୁ ‘ବାପ ଅଫ ଆଇ ପି ଏଲ’,ବିରାଟ କୋହଲିଙ୍କୁ ‘ବ୍ୟାଟିଙ୍ଗ ବାପ’, ଚହଲଙ୍କୁ ‘ବୋଲିଙ୍ଗ ବାପ’ ଓ ଭୁବନେଶ୍ୱର କୁମାରଙ୍କୁ ‘ସୁଇଙ୍ଗ କିଙ୍ଗ’ ର ଆଖ୍ୟା ଦିଆ ଯାଇଛି। କ୍ରିକେଟର ସମ୍ମାନ ସହିତ ସ୍ପୋର୍ଟସ ମ୍ୟାନ ସ୍ପିରିଟ ବଜାୟ ରଖୁଥିବା ହେତୁ ୧୪ଟା ମ୍ୟାଚର ସମାପ୍ତି ପରେ ସି ଏସ କେ ଦଳ ୧୪୩ ପଏଣ୍ଟ ପାଇ ଫେଆର ପ୍ଲେ ଆୱାର୍ଡରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଛି। ସଦ୍ୟତମ ତଥ୍ୟ ଅନୁସାରେ ଚାରୋଟି ଦଳ ପ୍ଲେ ଅଫ ରେ ନିଜ ନିଜର ସ୍ଥାନ ନିରୂପଣ କରିସାରିଛନ୍ତି ସେମାନେ ହେଲେ ଯଥାକ୍ରମେ ପଞ୍ଜାବ କିଙ୍ଗସ,ଆର ସି ବି, ଜି ଟି ଓ ଏମ ଆଇ କ୍ୱାଲିଫାୟର ଓ ଏଲିମିନେଟର ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହି ଟୁରନାମେଂଟର ସବୁଠାରୁ ମହତ୍ୱପୂର୍ଣ୍ଣ ଏବଂ ଆକର୍ଷଣୀୟ ବିଷୟ ହେଉଛି ପୂର୍ବର ବହୁ ନାମୀ ଦାମୀ ଓ ରେକର୍ଡର ଅଧିକାରୀ ଥିବା ଲିଜେଣ୍ଡାରୀ ଖେଳାଳିମାନେ ଏଥିରେ ଦଳର ଆଇକନ ହେଉ ବା କୋଚ୍ ଏବଂ କମେଣ୍ଟେଟର ଭାବରେ ସୁଚାରୁରୂପେ ନିଜ ନିଜର ଦାୟିତ୍ୱ ତୁଲାଇଆସୁଛନ୍ତି ।ଏବଂ ଅନ୍ୟ ଏକ ସ୍ୱତନ୍ତ୍ର ବିଷୟ ହେଉଛି ନିରପେକ୍ଷ ନିଷ୍ପତି ପାଇଁ ସମସ୍ତ ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରର ଅମ୍ପାୟାର ମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାୟତଃ ଏହି ଟୁରନାମେଣ୍ଟ ଶେଷ ପର୍ଯ୍ୟାୟରେ ଉପନୀତ। ଲକ୍ଷ ଲକ୍ଷ ଦର୍ଶକମାନଙ୍କ ପଡ଼ିଆ ଭିତରର ପ୍ରଦର୍ଶନ, ଟେଲିଭିଜନ ଏବଂ ଅନ୍ୟାନ୍ୟ ସୋସିଆଲ ମେଡ଼ିଆ ମାଧ୍ୟମରେ କୋଟି କୋଟି ଦର୍ଶକମାନଙ୍କ ଭଲପାଇବା ଓ ପାଗଳାମି ଏହି ମେଗା ଇଭେଂଟକୁ ଭାରତ ଓ ଭାରତ ବାହାରେ ମଧ ବହୁଳ ସଫଳତାର ଶ୍ରେୟ ଦେଇପାରିଛି।

## କଂଗ୍ରେସ କର୍ମୀଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା

ନିମାପଡା,(ଏପିନିୟୁଜ) ଗଣତନ୍ତ୍ରରେ କଣ ନେତାଙ୍କୁ କଳା ପତକା ? କଳା ପତକା ଦେଖାଇବା ମନା । ପୁରୀ ସାସଂଦ ସମ୍ବିତ ପାତ୍ର ନିମାପଡା ଗ୍ରସ୍ତ ସମ୍ୟରେ କେତେକ ଯୁବ କଂଗ୍ରେସ କର୍ମୀ ସାସଂଦ ପାତ୍ରଙ୍କୁ କଳା ପତକା ଦେଖାଇଥିଲେ। ପୁଲିସ ରାତି ଅଧିଆ ଚଢ଼ଉକରି ଜଣେ ଯୁବକଙ୍କୁ ଗିରଫ କରି ଉକ୍ତ ଯୁବକ ନାମରେ ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିବାରୁ ନିମାପଡା ବ୍ଲକ କଂଗ୍ରେସ ସଂଯୋଜକ ବାବୁଲି ବାରିକ ପୁଲିସ ଉପରେ ବର୍ଷିଛନ୍ତି। ପୁଲିସ ଉକ୍ତ ଘଟଣାର ମନଗଢା କାହାଣୀ ଉପରେ ତଦନ୍ତ ନକରି ମିଥ୍ୟା ମକଦ୍ଦମା ରୁଜୁ କରିଛି ଏହା ବିରୁଦ୍ଧରେ କଂଗ୍ରେସ କର୍ମୀମାନେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୨ ତାରିଖରେ ଥାନା ଆଗରେ ଶହଶହ ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ଗିରଫ ପ୍ରତିବାଦରେ ଧାରଣା ଦେବେ ବୋଲି ପୁଲିସ ଆଇଆଇସିଙ୍କୁ ଭେଟି ସଂଯୋଜକ ଶ୍ରୀ ବାରିକ ଦରଖାସ୍ତ ଦେଇଛନ୍ତି।

# ତହସିଲଦାରମାନେ ହେଉଛନ୍ତି ତୃଣମୂଳ ସ୍ତରରେ ରାଜ୍ୟ ପ୍ରଶାସନର ମେରୁଦଣ୍ଡ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଏପିନିୟୁଜ) ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ । ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ । ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶୃତିବଦ୍ଧ । ଓଡିଶାରେ କେହିବି ଭୂମିହିନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ, ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର । ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ବାତ୍ୟା "ଦାନା'ର ସଫଳ ମୁକାବିଲା କରାଯାଇଛି 'ଜିରୋ କାଜୁଆଲ୍ଟି' ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ ୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି । ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଚାନ୍ତୁ।



ଯେଉଁମାନେ ଦୀର୍ଘଦିନ ଧରି ବଂଚିତ ଓ ଅବହେଳିତ – ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବର ଦଖଲ ମୁକ୍ତ କରି ତାହାର ସୁରକ୍ଷା କରନ୍ତୁ । ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ । ଜମିଜମା ସଙ୍କ୍ରାନ୍ତିୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ। ସେ କହିଥିଲେ ଯେ, ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣା ବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ, ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଯଦି ଜ୍ଞାତସରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ। ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତା' ଅଛି। କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। କିଛି କିଛି ଅଞ୍ଚଳରେ ଆରମ୍ଭ ହୋଇଗଲାଣି। ତେଣୁ, ସମସ୍ତେ ପାଣିପାଗ ବିଭାଗଦ୍ୱାରା ଜାରି ପାଣିପାଗ ସୂଚନାକୁ ନିୟମିତ ଭାବେ ଅନୁସରଣ କରୁଥିବେ ଏବଂ ତଦନୁସାରେ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏସଓପି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ଚଳିତ ମାସ ଠାରୁ ଆରମ୍ଭ କରି ନଭେମ୍ବର ପର୍ଯ୍ୟନ୍ତ ମୌସୁମୀ ବର୍ଷା ଏବଂ ବାତ୍ୟା ଲାଗି ରହିବ। ତେଣୁ, ଏଥିପାଇଁ ନିଜ ନିଜ ଅଞ୍ଚଳର ପାରିପାର୍ଶିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରା ପ୍ରଶାସନକୁ ପ୍ରସ୍ତୁତ କରିବେ।

ସେ ପୁଣି କହିଥିଲେଯେ, ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତମ ସରକାରର ଦର୍ପଣ। ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ। ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହିତ କରିବାକୁ ହେବ। ସରକାର ବର୍ତମାନ ଧାନ କିଣିବା ପାଇଁ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, କେଉଁ ଚାଷୀ କେତେ ଜମିରେ ପ୍ରକୃତ ଚାଷ କରିଛନ୍ତି ତାହାର ଜମିଓ୍ୱାରୀ ଭେରୀଫିକେଶନ ହେବା ଆବଶ୍ୟକ ଯାହା ରାଜସ୍ୱ, ସମବାୟ, କୃଷି ଏବଂ ଜଳସେଚନ ବିଭାଗ ଦ୍ୱାରା ମିଳିତ ଭାବେ ହୁଏ। ତେଣୁ, ସଠିକ ତଥ୍ୟ ଆସିବା ଦରକାର, ଯାହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରକୃତ ଚାଷ କରିଥିବା ଫସଲ ପାଇଁ ସୁବିଧାପାଇବେ। କର୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ । ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ। ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ । ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଥିଲେଯେ, ଚିରାଚରିତ କାର୍ଯ୍ୟ ପଦ୍ଧତିରେ ପରିବର୍ତନ ଆଣିବାକୁ ପଡିବ ଆପଣ ମାନେ ନିଜର ମାନସିକତା ବଦଳାନ୍ତୁ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ବର୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରନ୍ତୁ । ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ପୂଜାରୀ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ଓ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀ ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଶ୍ରୀ ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର, ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

## ବେଙ୍ଗାଲୁରୁରୁ ସୁଟକେସ ଭିତରୁ ମିଳିଥିଲା କିଶୋରୀଙ୍କ ମୃତଦେହ

ସମସ୍ତ ଗିରଫ ଅଭିଯୁକ୍ତ ବିହାରର ନଓ୍ୱାଡା ଜିଲ୍ଲାର। ୭ ଜଣଙ୍କ ମଧ୍ୟରୁ ୩ ଜଣ ପରିଚୟ ମିଳିଛି। ସେମାନେ ହେଲେ ମୁକେଶ, ରାଜାରାମ ମୋହନ ଓ ଆଶିଷ କୁମାର। ମେ' ୨୧ ତାରିଖରେ ବେଙ୍ଗାଲୁରୁରୁ ଜଣେ କିଶୋରୀଙ୍କ ମୃତଦେହ ସୁଟକେସରୁ ମିଳିଥିଲା। ଜଣେ ୧୭ ବର୍ଷୀୟ ଝିଅଟିକୁ ହତ୍ୟା କରି କେହି ସୁଟକେସରେ ଭର୍ତିକରି ଫିଙ୍ଗି ଦେଇଥିଲେ। ବେଙ୍ଗାଲୁରୁ ପୁଲିସ୍ ଏହି ଘଟଣାର ତଦନ୍ତ କରି ବିହାରରୁ ୭ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ବେଙ୍ଗାଲୁରୁ ଗ୍ରାମାଚଂଳ ଡିଭିଜନର ସୂର୍ଯ୍ୟନଗର ପୁଲିସ୍ ବିହାରରୁ ୭ ଜଣଙ୍କୁ ଧରିବା ସହ ସେମାନଙ୍କୁ କର୍ଣ୍ଣଟକା ଆଣୁଛି। ସମସ୍ତ ଗିରଫ ଅଭିଯୁକ୍ତ ବିହାରର ନଓ୍ୱାଡା ଜିଲ୍ଲାର। ୭ ଜଣଙ୍କ ମଧ୍ୟରୁ ୩ ଜଣ ପରିଚୟ ମିଳିଛି।

## ଦୁଇ ଦିନିଆ ଉକ୍ରର୍ଷ ନିମାପଡା ୨୦୨୫ କନକ୍ଲେଭ ଉଦଯାପିତ

ନିମାପଡା, (ଏପିନିୟୁଜ) ନୂଆ ବାରବାଟି ପଡିଆରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ରର୍ଷ ନିମାପଡା କନକ୍ଲେଭ –ଆଜି ରାତିରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଂଧ୍ୟାରେ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏଭଳି ଏକ କନକ୍ଲେଭ ଆୟୋଜନ କରି ଲୋକଙ୍କଏବଂ ଅଧିକାରୀ ଏକ୍ସପର୍ଟ ମାନଙ୍କ ସହିତ ପ୍ରତ୍ୟକ୍ଷଭାବେ ଆଲୋଚନା କରୁଥିବାରୁ ଲୋକଙ୍କ ସମାସ୍ୟା ବିଷୟରେ ଜଣରି ହେଉଛି। ରାଜସ୍ୱମନ୍ତ୍ରୀ ସୁରେଶ ପୁଜାରୀ ଅନ୍ୟତମ ଅତିଥିଭାବେ ଏହି ଉଦ୍ଯାପନ ଉତ୍ସବରେ ଯୋଗ ଦେଇଥିଲେ। ୧୧ ବିଭାଗ ଉପରେ ଆଲୋଚନା କରାଯାଇ ଉକ୍ରର୍ଷ ନିମାପଡାର ରୋଡ ମ୍ୟାପ ପ୍ରସ୍ତୁତ ହୋଇଛି। ପୁରୀ ସାସଂଦ ସମ୍ବିତ ପାତ୍ର ଉଦବୋଧନରେ କହିଥିଲେ ଏହା ଏକ ଶିକ୍ଷଣୀୟ ଯୋଜନା ପୁରୀ ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭିଜନ ପ୍ରସ୍ତୁପାଇଁ ଉକ୍ରର୍ଷ ସମ୍ମିଳନୀ ଆୟୋଜନ କରାଯିବ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ। ପୁରୀ ଜିଲା ପିଡି ପ୍ରିୟରଂଜନ ପୃଷ୍ଟି ଯୋଗଦେଇ ସ୍ୱାଗତ ଭାଷଣଦେଇଥିଲେ। ଆୟୋଜନକାରୀ ସଂପାଦକ ବିଡିଓ ଅଭିଜିତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ । ଗ୍ରୁପ ଡ୍ୟାସରେ ପ୍ରଥମ ହୋଇଥିବା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଛାତ୍ରିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିମାପଡ଼ାରେ ଚାଲଛି ଦେହ ବ୍ୟବସାୟ; ଯୁବକ ଅଟକ

ନିମାପଡ଼ା (ଏପିନ୍ୟୁଜ): ନିମାପଡ଼ା ଥାନା ଆଉୁଆଳରେ ଦେହ ବ୍ୟବସାୟ। ସୂଚନା ଅନୁଯାୟୀ ଶିଠ ସାହି ଠାରେ ଜଣେ ଯୁବକ ବ୍ୟବସାୟ ଚଲାଇଥିବା ଅଭିଯୋଗ ହୋଇଛି । ଜୈନିକା ଯୁବତୀଙ୍କୁ ଏହି ବ୍ୟବସାୟରେ ସାମିଲ ହୋଇଥିଲେ। କୈଣସି କାରଣରୁ ଯୁବତୀ ଓ ଦେହ ବ୍ୟବସାୟରେ ସଂପୃକ୍ତ ଥିବା ଯୁବକଙ୍କ ମଧ୍ୟରେ ମନମାଳିନୀ ହେବାରେ ଯୁବତୀ ଜଣଙ୍କ ଛାଡିଯିବାକୁ ବାହାରିବାରୁ ଯୁବକ ଧମକ ଦେବା ସହ ଅନୈତିକ କାର୍ଯ୍ୟର ଫଟୋ ଭାଇରାଲ କରିଦେବା ପାଇଁ ଧମକ୍ ଦେଇଥିଲେ ।ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଡାକି ଛାଡିଦେଇଥିଲା ତାହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିଛି। ସେହି ସ୍ଥାନରେ ଖୁଲମ୍ ଖୁଲା ଦେହ ବ୍ୟବସାୟ ଚାଲିଥିବା ସେଠା ଲୋକମାନେ ଅଭିଯୋଗ କରିଛନ୍ତି। ନିମାପଡା କୋଣାର୍କ ରାସ୍ତାର କୁଶଭଦ୍ରା ବନ୍ଧ ନିକଟରେରେ ଏହି ବ୍ୟବସାୟ କେନ୍ଦ୍ର ଥିବାରୁ ଗ୍ରାହକମାନଙ୍କୁ ବିନା ରୋକ୍‌ଠୋକ୍‌ରେ ଏହାକୁ ଜାରି ରଖିଛନ୍ତି। ମାତ୍ର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ପୋଲିସ ଶୁକ୍ରବାର ବିଳମ୍ବିତ ରାତ୍ରରେ ସାଧା ପୋଷାକରେ ଯାଇ ସେଠାରେ ବଡ଼ର କରି ଦେହ ବ୍ୟବସାୟ ଚଳାଇ ଥିବା ଯୁବକକୁ ଧରି ଥାନାରେ ପଚ଼ରା ଉଚ୍ଚୁରା ଚଳାଇଛି ।

ଏହି ଯୁବକ ଠାରୁ ଅନେକ ଗୁଡ଼ ରହସ୍ୟ ପୋଲିସ ହାତରେ ଲାଗିଛି । ନିମାପଡ଼ା ପରି ଜନଗହଳିପୂର୍ଣ୍ଣ ସ୍ଥାନରେ ଏପରି କାର୍ଯ୍ୟ ଚାଳିଥିବା ବେଳେ ଏ ଦିଗରେ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଦାବି ହୋଇଛି । ଜଣେ ଯୁବତୀଙ୍କ ଫଟୋ ଭାଇରାଲ୍ ଘଟଣାରେ ଅଭିଯୋଗ ହେବା ପରେ ପୋଲିସର ଯୁବକ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା । କେତେଲଣ ବ୍ୟକ୍ତି ମଧ୍ୟସ୍ଥି ସାଜି ଏହି ଘଟଣାକୁ ସମଧାନ କରିବା ପାଇଁ ରୀତିମତ ଉଦ୍ୟମ ଚଳାଇଛନ୍ତି ।

# ନିମାପଡା କୋଣାର୍କ ଓ ଅସ୍ତରଙ୍ଗର ଏହା ଏକ ପବିତ୍ର ଭୂମି : ମହାମହିମ ରାଜ୍ୟପାଳ

ନିମାପଡା, (ଏପିନିୟୁଜ) ନୂଆ ବାରବାଟୀ ପଡିଆ ଠାରେ ଆୟୋଜିତ ଦୁଇଦିନିଆ ନିମାପଡା ଉତ୍କର୍ଷ ସମ୍ମିଳନୀକୁ ଆଜି ପୂର୍ବାହ୍ନରେ ମହାମହିମ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପତି ଉଦଘାଟନ କରି କହିଛନ୍ତି ନିମାପଡା କୋଣାର୍କ ,ରାମଚଣ୍ଡି ଏବଂ ଅସ୍ତରଙ୍ଗ ବେଳାଭୂମିର ପ୍ରବେଶ ପଥ ନୁହେଁ ଏହି ସ୍ଥାନ ହେଉଛି ଏକ ପବିତ୍ର ଭୂମି। ଏହି ସ୍ଥାନ ଏକ ସାଂସ୍କୃତିଓ ଧାର୍ମିକ ପୀଠ, ଏହି ନିର୍ବାଚନ ମଣ୍ଡଳୀରେ ଭରି ରହିଛି ବିସ୍ତିନ୍ନ ଚାଷ ଜମି। ଏହି ସମ୍ମିଳନୀ ସେଲିବ୍ରେସନ କରିବାପାଇଁ ଅନୁଷ୍ଠିତ ହୋଇନାହିଁ ଜାଗରଣ ସୃଷ୍ଟି ପାଇଁ ହୋଇଛି। ଯୁବକମାନଙ୍କୁ କିଭଳି ଅଧିକରୁ ଅଧିକ ସୁବିଧା ଓ ସୁଯୋଗ ମିଳିବ ଏହି ଅଂଚଳରେ କିଭଳି ପର୍ଯ୍ୟଟନର ବିକାଶ ହେବ ଏବଂ ଏହି ଅଂଚଳର ଯୁବକମାନେ ଆତ୍ମନିଯୁକ୍ତି ପାଇ ଉପକୃତ ହେବେ ଏବଂ ସମଗ୍ର ଓଡିଶାରେ ପୁରୀଜିଲାକୁ ଏବଂ ନିମାପଡା ନିର୍ବାଚନ ମଣ୍ଡଳୀକୁ ରାଜ୍ୟରେ ଏକନମ୍ବର ନିର୍ବାଚନ ମଣ୍ଡଳୀରେ ପହଁଚାଇବା ଲକ୍ଷ୍ୟରଖି ମୋ ସରକାରେ ଥିବା ଏହି ଅଂଚଳରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ଚେଷ୍ଟାଓ ଉଦ୍ୟମ ଚଳାଇଛନ୍ତି।
ପୁରୀ ଜିଲାପାଳ ସିଦ୍ଧାର୍ଥ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ମାଟିକ, ଯୁକ୍ତ ଦୁଇ ପରୀକ୍ଷାରେ ୯୦ ପଅତିଶତ ନମ୍ବର ରଖିଥିବା ଛାତ୍ର ଛାତ୍ରୀମାନଙ୍କ ସହ ଏନଏସିର ଦୁଇ ଜଣ ସଫେଇ କର୍ମଚାରୀ ଲକ୍ଷ ପତି ଦିଦିଙ୍କୁ ଏହି ଅବସରରେ ମହାମହିମ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରେ ଉତ୍କର୍ଷ ନିମାପଡା ର ୱେବସାଇଟକୁ ଉନ୍ମୋଚନ କରାଯାଇଛି। ଏବଂ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ଥିବା ମହାମହିମ ରାଜ୍ୟପାଳ ଏବଂ ଅତିଥିମାନଙ୍କୁ ଉପମୁଖ୍ୟମନ୍ତ୍ରୀ ନିମାପଡାର ପ୍ରସିଦ୍ଧ ଛେନାଝିଲିର ପଟୋ ପ୍ରଦାନ କରିଥିଲେ। ସାସଂଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ନିମାପଡାରୁ ପ୍ରତିନିଧତ୍ୱ କରି ମନ୍ତ୍ରୀ ହୋଇଥିଲେ କିନ୍ତୁ ନିମାପଡା ନିର୍ବାଚନ ମଣ୍ଡଳୀପାଇଁ କିଛି କରିନଥିଲେ। ନିମାପଡା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାହେବା ପାଇଁ ସୁଯୋଗ ରହିଛି। ଏହି ଉତ୍ସବରେ ଆୟୋଜକ ତଥା ଉପମୁଖ୍ୟମନ୍ତ୍ରୀ ଉତ୍କର୍ଷ ନିମାପଡା ୨୦୨୫ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ସୁଚ଼ନା ଦେଇ ଥିଲେ। ଏହି ସମ୍ମିଳନୀରେ ଦୁଇ ଦିନ ମଧ୍ୟରେ ୧୧ଟି ବିଷୟ ଉପରେ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଏକସ୍କପର୍ଟ ମାନଙ୍କର ମଧ୍ୟରେ ଆଲୋଚ଼ନା କରାଯାଇ ମତାମତ ସଂଗ୍ରହ କରି ୨୦୩୬ ବିକଶିତ ନିମାପଡାର ସ୍ୱପ୍ନ ଏବେ ଠାରୁ ଆରମ୍ଭ ହେବ ।
ଏହି ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପୁରୀ ବିଧାୟକ ସୁନୀଲ ମହାନ୍ତି ମିଶନଶକ୍ତି ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶନୀ ପୁରୀ ଏସ.ପି ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲା ଯୋଗଦେଇଥିଲେ। ଧନ୍ୟବାଦ ପ୍ରସ୍ତାବ ଆୟୋଜକ ସଂପାଦକତଥା ବିଡିଓ ଡାକ୍ତର ଅଭିଜିତ ଷଡଙ୍ଗୀ ଇଂଗ୍ରାଜିରେ କହିବାରୁ ଉପସ୍ଥିତ ବୁଦ୍ଧିଜୀବୀମାନେ ଓଡିଆ ଅସ୍ମିତା କଥା ଉଠାଇଥିଲେ। ଏହି ସମ୍ମିଳନୀରେ ସାଧାରଣ ମହିଳାମାନେ ଉପସ୍ଥିତ ଅଛନ୍ତି ଇଂଗ୍ରାଜିଭାଷାରେ ଧନ୍ୟବାଦ ଭାଷଣ ଦେବାରୁ ସମାଲୋଚ଼ନାର ସ୍ୱର ସଭାସ୍ଥଳରେ ଉଠିଥିଲା ଏବଂ ଅନେକ ଇଂଗ୍ରାଜି ଭାଷଣକୁ ସମ୍ମିଳନୀ ସ୍ଥଳରେ ନାପସନ୍ଦ କରିଛନ୍ତି । ବୁଦ୍ଧଜିବୀ ଚିତ୍ରଞ୍ଜନ ସେନାପତି କହିଛନ୍ତି ଆମେ ଓଡିଆ ଅସ୍ମିତା କଥା କହୁଛୁ ରାଜ୍ୟପାଳଙ୍କ ଭାଷଣକୁ ଓଡିଆରେ ବୁଝାଇ ଦିଆଗଲା ଅଥଚ଼ ଧନ୍ୟବାଦ ପ୍ରସ୍ତା ଇଂଗଲିସରେ ।
ସମ୍ମିଳନୀର ପ୍ରଥମ ସେସନରେ ସୁସ୍ଥ ନିମାପଡା ,ଉତ୍କର୍ଷ ଗ୍ରାମ ସଂପର୍କରେ ଆଲୋଚ଼ନା ହୋଇଛି। ଅପରାହ୍ନ ସେସନରେ ନିପଡା ପୁଲି ଏସଡିପିଓଙ୍କ ଜନାର୍ଦ୍ଦନ ପାଢୀଙ୍କ ନେତୃତ୍ୱରେ ଅପରାଧ ରହିତ ନିମାପଡା ସଂପର୍କରେ ଆଲୋଚ଼ନା କରାଯାଇଛି।ସଂଧ୍ୟାରେ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକୟ୍ରମ ରହିଛି। ଉଦଘାଟନ ଉତ୍ସବକୁ ପୁରୀ ଜିଲା ସୁଚ଼ନା ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚ଼ାଳନା କରିଥିଲେ। ରାଜ୍ୟର ବିଜେପି ସରକାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ତାଙ୍କର ଏକ ବର୍ଷ କାର୍ଯ୍ୟକାଳର ରିପୋର୍ଟ କାର୍ଡ ସଂଧ୍ୟା ସେସନରେ ମଚ଼ଂରେ ପଢି ଶୁଣାଇଥିଲେ। ଉତକର୍ଷ ସମ୍ମିଳନୀରେ ପ୍ରସଦାର ପ୍ରଚ଼ାର କ୍ଷେତ୍ରରେ ଗଣମାଧମର ବିଶେଷ ଭୂମିକା ରହିଛି। ଲକ୍ଷଲକ୍ଷ ଟଙ୍କା ସମ୍ମିଳନୀରେ ଖର୍ଚ୍ଚ ହେଉଛି ଅଥଚ଼ ଗଣମାଧମକୁ ବିଜ୍ଞାପନ ନିମାପଡା ଉତ୍କର୍ଷର ଆୟୋଜକମାନେ ଏ ବିଷୟରେ ଚ଼ିନ୍ତା ମଧ କଲେନାହିଁ। ସମ୍ପୂର୍ଣ୍ଣ ରୁପେ ଅଣଦେଖାକରି ଛାଡିଦେଲେ









ସିଏମ ଟ୍ରଫି ଫୁଟବଲ ଚ଼ମ୍ପିୟାନସିପ୍ -୨୦୨୫ର ଫାଇନାଲ ମ୍ୟାଚ଼ରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ଫୁଟବଲ ଆସୋସିଏସନ୍‌ର ପ୍ରେସିଡେଣ୍ଟ ତଥା ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଯୁଗ୍ମ ଶାସନ ସଚ଼ିବ ଶ୍ରୀ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା



କୋଣାର୍କ (ଏପିନ୍ୟୁଜ) ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ କୋଣାର୍କର ସୂର୍ଯ୍ୟମନ୍ଦିର ଦେଖିବାକୁ ଆସୁଥାନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବାପାଇଁ ଭିତିଭୂମିର ଅଭାବ ଓ ଡ଼ାକ୍ତର ଓ କର୍ମଚାରୀଙ୍କ ଅଭାବ ରହିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅପଗ୍ରେଡ଼ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦେବାକୁ ସ୍ୱାସ୍ଥ୍ୟ ବିଭାଗର ମାନ୍ୟତା ଦିଆଯାଇଛି।

# ବିଶ୍ୱ ପରିବେଶ ଦିବସ

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ 'ଏକ ପେଡ ମା କେ ନାମ 'ଅଭିଯାନକୁ ସ୍ୱାଗତ ଜଣାଇ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ



ପରିଡା ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିସରରେ ଏକ ଅଁଳା ଗଛ ଚ଼ାରା ରୋପଣ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚ଼ିବ ଶ୍ରୀମତୀ ଶୁଭା ଶର୍ମା ଓ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ ମଧ ପିଜୁଳି ଗଛର ଚ଼ାରା ରୋପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ 'ଏକ ସୁଭଦ୍ରା ଏକ ଗଛ' ଅଭିଯାନରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓଡିଶାର ୧ କୋଟିରୁ ଅଧିକ ସୁଭଦ୍ରାମାନଙ୍କୁ ଗୋଟିଏ ଗୋଟିଏ ଚ଼ାରା ରୋପଣ ପାଇଁ ଆହ୍ୱାନ କରିଛନ୍ତି।

# ବିଶ୍ୱ ପରିବେଷ ଦିବସ ପାଳିତ

ନିମାପଡା, (ଏପିନିୟୁଜ) ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନ୍ରାସବେରା ୟୁଥ ଟ୍ରଷ୍ଟ ପକ୍ଷରୁ ଶହୀଦ ଭବନ ଓ ଶୁ ଉଦ୍ୟାନ ପରିସରରେ ବିଶ୍ୱ ପରବେଶ ଦିବସ ପାଳିତ ହେବା ସହ ଏହି ସ୍ଥାନର ପରିବେଶକୁ ସଫାସୁତରା କରାଯାଇଥିଲା। ଟ୍ରଷ୍ଟର ସଦସ୍ୟମାନେ ଶ୍ରମଦାନ କରିଥିଲେ। ପରିବେଷକୁ କିଭଳି ସୁରକ୍ଷିତ ରଖିବା ସଂର୍ପକରେ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହୋଇଥିଲା

# ହଜାର ରନ ମଧ୍ୟ ଆପଣଙ୍କୁ ଏକ ଟେଷ୍ଟ ମ୍ୟାଚ୍ ଜିତାଇ ପାରିବ ନାହିଁ : ଗୌତମ ଗମ୍ଭୀର

ଟିମ ଇଣ୍ଡିଆ : ଭାରତୀୟ ଦଳ ଖୁବ୍ ଶୀଘ୍ର ପା ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଯିବାକୁ ଯାଉଛି। ଇଂଲଣ୍ଡ ଗସ୍ତ ପୂର୍ବରୁ ଟିମ୍ ଇଣ୍ଡିଆର ଅଧିନାୟକ



ଶୁଭମନ ଗିଲ୍ ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଗିଲ୍ ଏବଂ ଗମ୍ଭୀର ଅନେକ ପ୍ରଶ୍ନର ଉତର ଦେଇଥିଲେ। ଏହି ସମୟରେ ଗମ୍ଭୀର ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତିବା ବିଷୟରେ ଏକ ବଡ଼ ବୟାନ ଦେଇଛନ୍ତି। ଗମ୍ଭୀରଙ୍କ ଅନୁସାରେ, ଇଂଲଣ୍ଡରେ ସିରିଜ ଜିତିବା ପାଇଁ ବୋଲରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ।

## ହଜାର ରନ ମଧ୍ୟ ଆପଣଙ୍କୁ ଏକ ଟେଷ୍ଟ ମ୍ୟାଚ୍ ଜିତାଇ ପାରିବ ନାହିଁ, ଜିତିବା ପାଇଁ.

ଗମ୍ଭୀର ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତିବା ବିଷୟରେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ "ଯଦି ଆପଣ ହଜାର ରନ କରନ୍ତି, ତେବେ ଏହା ଆପଣଙ୍କ ବିଜୟର ଗ୍ୟାରେଟି ଦେଇପାରିବ ନାହିଁ। ମ୍ୟାଚ୍ ଏବଂ ସିରିଜ ଜିତିବା ପାଇଁ ୨୦ ୱିକେଟ ନେବା ଜରୁରୀ। ଯଦି ଆମେ ଏହା କରିବାରେ ସଫଳ ହେଉ, ତେବେ ଆମେ ନିଶ୍ଚିତ ଭାବରେ ସଫଳତା ପାଇବୁ। "

ଏହି ସମୟରେ ଗମ୍ଭୀର ଜସପ୍ରିତ ବୁମରାହଙ୍କ ବିଷୟରେ ମଧ୍ୟ ଏକ ବଡ଼ ବୟାନ ଦେଇଥିଲେ। ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ବୁମରାହ ଇଂଲଣ୍ଡ ବିପକ୍ଷରେ କେତେ ଟେଷ୍ଟ ଖେଳିବେ।

ଏହା ଉପରେ ଗମ୍ଭୀର କହିଛନ୍ତି ଯେ "ବୁମରା କେଉଁ ଟେଷ୍ଟ ମ୍ୟାଚ୍ ଖେଳିବେ ସେ ବିଷୟରେ ଆମେ ଏପର୍ଯ୍ୟନ୍ତ କୌଣସି ନିଷ୍ପତି ନେଇ ନାହୁଁ। ଏହା ମ୍ୟାଚ୍‌ର ଫଳାଫଳ ଉପରେ ମଧ୍ୟ ନିର୍ଭର କରିବ।"

## ଇଂଲଣ୍ଡ ଗସ୍ତ ଜୁନ୍ ୨୦ରୁ ଆରମ୍ଭ ହେବ

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଂଚମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ୍ ୨୦ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ହେଡିଂଲିରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜୁଲାଇ ୨ରୁ ଖେଳାଯିବ। ଏହି ମ୍ୟାଚ୍ ଏଜବାଷ୍ଟନ୍‌ରେ ଅନୁଷ୍ଠିତ ହେବ। ଯେତେବେଳେ ତୃତୀୟ ମ୍ୟାଚ୍ ଜୁଲାଇ ୧୦ରୁ ଲଣ୍ଡନର ଲର୍ଡସ୍ ଗ୍ରାଉଣ୍ଡରେ ଖେଳାଯିବ। ଟେଷ୍ଟ ସିରିଜର ଚ଼ତୁର୍ଥ ମ୍ୟାଚ୍ ମାଟେ ଷ୍ଟରରେ ଖେଳାଯିବ।

ଏହି ମ୍ୟାଚ୍ ଜୁଲାଇ ୨୩ରୁ ଆରମ୍ଭ ହେବ। ଟେଷ୍ଟ ସିରିଜର ଶେଷ ମ୍ୟାଚ୍ ଜୁଲାଇ ୩୧ରୁ ଖେଳାଯିବ। ଏହି ମ୍ୟାଚ୍ ଲଣ୍ଡନର ଓଭାଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

## ଟିମ୍ ଇଣ୍ଡିଆ ନୂତନ ଅଧିନାୟକଙ୍କ ସହିତ ପଡ଼ିଆକୁ ଓହ୍ଲାଇବ

ରୋହିତ ଶର୍ମା ସମ୍ପ୍ରତି ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ତାଙ୍କ ଅବସର ପରେ, ଟେଷ୍ଟ ଦଳର କୌଣସି ଅଧିନାୟକ ନଥିଲେ।

ଏହା ପରେ, ଚ଼ୟନକର୍ତାମାନେ ଯୁବ ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍‌ଙ୍କୁ ଦଳର ଅଧିନାୟକ କରିଥିଲେ। ଗିଲ୍ ଏପର୍ଯ୍ୟନ୍ତ ୩୨ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୩୫.୦୬ ହାରରେ ୧୮୯୩ ରନ୍ କରିଛନ୍ତି। ଗିଲ୍ ଟେଷ୍ଟ କ୍ରିକେଟରେ ୭ଟି ଅର୍ଦ୍ଧଶତକ ଏବଂ ୫ଟି ଶତକ ମାରିଛନ୍ତି।







# ବିଶ୍ୱର ସର୍ବୋଚ୍ଚ ରେଳ ସେତୁରେ ତ୍ରିରଙ୍ଗା ଉଡାଇଲେ ପିଏମ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦିନ ଚେନାବ ରେଳ ସେତୁର ଉଦଘାଟନ କରିଛନ୍ତି। ଏହା ପୂର୍ବରୁ ସେ ବିଶ୍ୱର ସର୍ବୋଚ୍ଚ ରେଳ ସେତୁର ପରିଦର୍ଶନ କରିଥିଲେ। ଏହି ସେତୁ ଜମ୍ମୁ ଓ କାଶ୍ମୀରର ରିଆସି ଜିଲ୍ଲାରେ ଚେନାବ ନଦୀ ଉପରେ ନିର୍ମିତ ହୋଇଛି। ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଅଞ୍ଜୀ ସେତୁର ମଧ୍ୟ ଉଦଘାଟନ କରିଥିଲେ। ଅଞ୍ଜୀ ସେତୁ ହେଉଛି ଭାରତର ପ୍ରଥମ କେବୁଲ ରେଳ ସେତୁ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦି କଟରା-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯାହା ଘାଟିକୁ ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରୁଥିବା ପ୍ରଥମ ଟ୍ରେନ। ପ୍ରଧାନମନ୍ତ୍ରୀ କଟରା ରେଳ ଷ୍ଟେସନରେ କଟରା-ଶ୍ରୀନଗର ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବା ପୂର୍ବରୁ ଟ୍ରେନର ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସହିତ ଆଲୋଚ଼ନା ମଧ୍ୟ କରିଥିଲେ।



ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଚେନାବ ନଦୀ ଉପରେ ଥିବା ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ନିକଟରେ 'ଭ୍ୟୁ ପଏନଟରେ ପହଞ୍ଚିଥିଲେ ଏବଂ କାଶ୍ମୀରକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ରେଳ ସଂଯୋଗ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବିଷୟରେ ସୂଚ଼ନା ଦେଇଥିଲେ। ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହିତ, ପ୍ରତୀକାତ୍ମକ ସେତୁ ନିକଟରେ ସ୍ଥାପିତ ରେଳ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ 'ଭ୍ୟୁ ପଏନଟ ଉପରକୁ ଯାଇ ନଦୀଠାରୁ ୩୫୯ ମିଟର ଉଚ୍ଚ଼ତାରେ ଅବସ୍ଥିତ ଇଞ୍ଜିନିୟରିଂର ଏକ ମାଷ୍ଟରପିସ୍ ଚେନାବ ସେତୁ ବିଷୟରେ ସୂଚ଼ନା ପାଇଥିଲେ। ଏହି ସେତୁ ପ୍ୟାରିସର ଆଇଫେଲ୍ ଟାୱାରଠାରୁ ୩୫ ମିଟର ଉଚ୍ଚ଼।ପ୍ରଧାନମନ୍ତ୍ରୀଙ୍କୁ ସଂଗ୍ରହାଳୟରେ ଇଞ୍ଜିନିୟର ଏବଂ ଶ୍ରମିକଙ୍କ ସହ ଭାବ ବିନିମୟ କରୁଥିବାର ମଧ୍ୟ ଦେଖାଯାଇଥିଲା।

PRINTED, PUBLISHED AND OWNED BY CHITTARANJAN MOHANTY, PRINTED AT GAYATRI INDUSTRIES TS 3/193, MANCHESWAR INDUSTRIAL ESTATE, BHUBANESWAR, KHORDHA, ODISHA - 751010. PUBLISHED FROM PO-NIMAPADA, VILLAGE AT - RAHASBADI, PURI, ODISHA - 752106., Mob-9437280341, E-mail- aajipajyanta.today@gmail.com
EDITOR: BHAGYALAXMI MOHANTY
CHIEF EDITOR: KSHITISH PRASAD MOHANTY
ସଂପାଦିକା: ଭାଗ୍ୟଲକ୍ଷ୍ମୀ ମହାନ୍ତି